ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08

Rs. 7.00

ବର୍ଷ-୧୬, ସଂଖ୍ୟା-୪୭, ଭୁବନେଶ୍ୱର: ଡିସେମ୍ବର ୦୧-୦୭, ୨୦୨୫ Vol-16, Issue-47, Bhubaneswar : December 01-07, 2025

RNI NO.ODIODI/2010/33715

## ନେତା କରିପାରିବେନି ଶିକ୍ଷକ ବଦଳି

ଭୁବନେଶ୍ୱର: ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ସାଂସଦ, ବିଧାୟକ ସୁପାରିଶ କରିପାରିବେ ନାହିଁ। ଏଭଳି ସୁପାରିଶ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ହେବ। ତେଣୁ ରାଜ୍ୟ ସରକାରଙ୍କ ଚାକିରି ନିୟମାବଳି ଅନୁଯାୟୀ ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ଏକାଧିକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୫ ମେ ୧୩ ତାରିଖରେ ଜାରି ନିର୍ଦ୍ଦେଶନାମାକୁ ଖାରଜ କରିଦେଇଛନ୍ତି। ଏଥିସହ ଏହି ମାମଲାରେ ହାଇକୋର୍ଟ ଶିକ୍ଷକ ବଦଳି ଉପରେ ଗତ ଜୁଲାଇ ମାସରେ ଦେଇଥିବା ଅନ୍ତରୀଣ ରହିତାଦେଶ ଏବେ ସ୍ଥାୟୀ ହୋଇଯାଇଛି। ତେବେ ଏହିଭଳି ଭାବେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଶିକ୍ଷା ବର୍ଷ ଶେଷ ପରେ ସେମାନେ ନିଜର ପୂର୍ବ ସ୍କୁଲକୁ ଫେରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ ରାଜ୍ୟରେ ଶିକ୍ଷକ ବଦଳି ପାଇଁ ୨୦୨୫ ମେ ୧୩ ତାରିଖରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସାଂସଦ, ବିଧାୟକମାନେ ୧୫ ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବେ। ସେହି ସୁପାରିଶ ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା। ଏହି ନିର୍ଦ୍ଦେଶନାମା ଅନୁସାରେ ବଦଳି ଆଶାୟୀ ଶିକ୍ଷକମାନେ ସାଂସଦ, ବିଧାୟକଙ୍କ ନିକଟରେ ସେମାନଙ୍କ ଆବେଦନ ପତ୍ର ଦାଖଲ କରିଥିଲେ। ଏଥିପାଇଁ ବହୁ ଭାବରେ ଲବି ମଧ୍ୟ ଆରମ୍ଭ ହୋଇଯାଇଥିଲା। କେତେକାଂଶରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ବହୁ ଅଭିଯୋଗ ହୋଇଥିଲା। ଏଭଳି ନିର୍ଦ୍ଦେଶନାମାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ପ୍ରାଥମିକ ଶୁଣାଣି କରି ଏଭଳି ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଲାଗୁ କରିଥିଲେ।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ

- କୋଚି
- ସ୍ୱପ୍ନରେ ଟଙ୍କା
- ଶୀତବସ୍ତ୍ରର କାହାଣୀ
- ଫ୍ଲୋରାଲ୍ ଜ୍ୟାକେଟ୍

### ଐତିହାସିକ ମୁହୂର୍ତ୍ତ: ଓଡ଼ିଶା ବିଧାନସଭାରେ ରାଷ୍ଟ୍ରପତିଙ୍କ ପ୍ରଥମ ଉଦ୍‌ବୋଧନ

# 'ଗୃହରେ ଆଚରଣ ଓ ଉଚ୍ଚାରଣ ଭଲ ରହିବା ଉଚିତ'

**ଭୁବନେଶ୍ୱର:** 'ଆପଣମାନେ ଲିଡର, ଲୋକ ଫଲୋଅର। ଲୋକ ପ୍ରତିନିଧିଙ୍କ ଆଚରଣ ଓ ଉଚ୍ଚାରଣର ବଡ଼ ପ୍ରଭାବ ରହିଛି। ସାଧାରଣ ଲୋକଙ୍କର ବହୁ ଆଶା, ଆକାଂକ୍ଷା ରହିଛି। ଆପଣମାନେ ଲୋକଙ୍କ ପାଇଁ କାମ କରନ୍ତୁ। ଲୋକମାନେ ଅନେକ ସ୍ୱପ୍ନ ନେଇ ଆପଣଙ୍କୁ ପଠାଇଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣଙ୍କ କର୍ତ୍ତବ୍ୟ। ଗୃହରେ ଆପଣଙ୍କ ଉଚ୍ଚାରଣ ଏବଂ ଆଚରଣ ଭଲ ରହିବା ଉଚିତ। କାରଣ ଆଜିର ଟେକ୍ନୋଲୋଜି ଜରିଆରେ ସମସ୍ତେ ଦେଖୁଛନ୍ତି। ଆପଣମାନେ ଲୋକମାନଙ୍କର ଆଦର୍ଶ। ଆପଣ କ'ଣ କରନ୍ତି, କିପରି ରୁହନ୍ତି ତାହାକୁ ସେମାନେ ଅନୁକରଣ କରିଥାନ୍ତି। ସେଥିପାଇଁ ଗୃହରେ ଆଚରଣ ଓ ଉଚ୍ଚାରଣ ଠିକ୍ ରଖିବା ଜରୁରୀ। ଓଡ଼ିଶା ସବୁ ପ୍ରକାର ସମ୍ବଳରେ ପରିପୂର୍ଣ୍ଣ। ଯାହା ଦ୍ୱାରା ରାଜ୍ୟକୁ ଏକ ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇ ପାରିବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବାର ଆବଶ୍ୟକତା ରହିଛି। ତେଣୁ ଓଡ଼ିଶାର ପ୍ରଗତିକୁ ଜୀବନର ବ୍ରତ ଭାବେ ଗ୍ରହଣ କରନ୍ତୁ।'

ସପ୍ତଦଶ ବିଧାନସଭା ପଞ୍ଚମ ତଥା ଐତିହାସିକ ଶୀତ ଅଧିବେଶନର ପ୍ରଥମ ଦିନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାୟକମାନଙ୍କୁ ଉଦ୍‌ବୋଧନ ଦେଇ ଏଭଳି ଗୁରୁମନ୍ତ୍ର ଦେଇଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ



ଆଜି ଯେଉଁ ସୋପାନରେ ମୁଁ ପହଞ୍ଚିଛି ତାହା ଏହି ପବିତ୍ର ଗୃହ ଯୋଗୁଁ ସମ୍ଭବ ହୋଇପାରିଛି। ଏହି ଗୃହ ମୋତେ ବହୁତ କିଛି ଶିକ୍ଷା ଦେଇଛି। ମୁଁ ରାଷ୍ଟ୍ରପତି ଭାବେ ବହୁ ରାଜ୍ୟ ବିଧାନସଭାରେ ଅଭିଭାଷଣ ରଖିଛି। କେତେକ ବିଦେଶ ରାଷ୍ଟ୍ରରେ ମଧ୍ୟ ତାଙ୍କର ଜାତୀୟ ସଂସଦରେ ଅଭିଭାଷଣ ରଖିଛି। ହେଲେ ଆଜି ଓଡ଼ିଶା ବିଧାନସଭାରେ ଅଭିଭାଷଣ ରଖିବା ମୋ ପାଇଁ ବିଶେଷ ଖୁସି ରଖିଛି। ଆଜି ମୋତେ ଘରକୁ ବାହୁଡ଼ି ଆସିବା ପରି ମନେ ହେଉଛି। ତେବେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ନଥିଲେ ଏଠି ପହଞ୍ଚି ପାରିନଥାନ୍ତି। ଆତ୍ମୀୟ ପରିବେଶରେ ମୁଁ ଆଜି ଭାବପ୍ରବଣ ହୋଇଛି। ରାଷ୍ଟ୍ରପତି କହିଛନ୍ତି ଯେ, ଭାରତ ନିର୍ମାଣରେ ଓଡ଼ିଶାର ଦାନ ଅତୁଳନୀୟ। ଏଇ ମାଟିରେ ନେତାଜୀ ସୁବାଷ ବୋଷ ଜନ୍ମଲାଭ କରିଥିଲେ। ଏହି ମାଟି ପାଇଁ ବହୁ ବରପୁତ୍ରଙ୍କ ଦାନ ରହିଛି। ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ଭଳି ବରପୁତ୍ରମାନେ ଏହି ପବିତ୍ର ଗୃହକୁ ପ୍ରତିନିଧିତ୍ୱ କରି ରାଜ୍ୟର ସେବା କରିଛନ୍ତି। ତେଣୁ ରାଜନୀତିକୁ ଆସି କିପରି ଲୋକଙ୍କ ସେବା କରାଯାଏ ଏବଂ ବ୍ୟବହାର କରାଯାଏ ତାହା ମୁଁ ଏହି ଗୃହରୁ ମୁଁ ଶିଖିଛି। ଏହା ମୋର ରାଜନୈତିକ କ୍ୟାରିଅରରେ ଫାଉଣ୍ଡେସନ ବା ନିଅଁ। ଏହି ନିଅଁ ସୁଦୃଢ଼ ଥିବାରୁ ମୁଁ ଆଜି ଉଚ୍ଚ ସୋପାନରେ ପହଞ୍ଚି ପାରିଛି। ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି ଏବଂ ମନ୍ତ୍ରୀ ଭାବେ ମଧ୍ୟ ବିଧାୟକଙ୍କ ଉତ୍ତର ରଖିଛି। ଏହି ଗୃହରେ ଥିବା ସମସ୍ତ ବିଧାୟକଙ୍କୁ ମୁଁ ବ୍ୟକ୍ତିଗତ ଭାବେ ଚିହ୍ନିଛି। ହେଲେ ମୁଁ ଯେତେବେଳେ ବିଧାୟକ ଥିଲି ସେତେବେଳେ ଏହି ଗୃହରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ମୋହନ ମାଝୀ ପ୍ରମୁଖଙ୍କ ଭଳି ଅନେକ ମଧ୍ୟ ବିଧାୟକ ଥିଲେ। ମୋହନ ମାଝୀ ଆଉ ମୁଁ ୨୦୦୦ରେ ଏହି ଗୃହକୁ ନିର୍ବାଚିତ ହୋଇ ଆସିଥିଲୁ। ରାଷ୍ଟ୍ରପତି କହିଛନ୍ତି ଯେ, ପରିବର୍ତ୍ତିତ ଭାରତ ଆମେ ଦେଖୁଛୁ। ଓଡ଼ିଶା ସହ ସମଗ୍ର ଦେଶରେ ସାମଗ୍ରିକ ଉନ୍ନତି ଦରକାର। ବିଶେଷକରି ଚାଷୀ ସଶକ୍ତ ହେବା ଜରୁରୀ। ଏନେଇ ମିଳିତ ଉଦ୍ୟମ ଆବଶ୍ୟକ। ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ଧାନ ମୂଲ୍ୟରେ ସବସିଡ୍ ପ୍ରଦାନ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସେହିପରି ମହିଳାମାନେ ବହୁ ସଂଖ୍ୟାରେ ନେତୃତ୍ୱ ନେବା ଦରକାର। ଓଡ଼ିଶା ବିଧାନସଭାରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ହେବା ଖୁସିର ବିଷୟ। ଏହି ଗୃହର ବାଚସ୍ପତି ଜଣେ ମହିଳା। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ବି ଥିଲେ ମହିଳା। ତେଣୁ ମହିଳାଙ୍କ ଉନ୍ନତି ହେଲେ ସମାଜ ଉନ୍ନତି ହେବ। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ସଠିକ ପଦକ୍ଷେପ। ଓଡ଼ିଶା ସରକାର ସୁଭଦ୍ରା ଭଳି ଭଲ ଯୋଜନା କାର୍ଯ୍ୟକାରୀ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ବେଶ୍ ସାହାଯ୍ୟ କରିପାରିଛନ୍ତି। ନିଜ ଉଦବୋଦନ ଭିତରେ ରାଷ୍ଟ୍ରପତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଶଂସା କରିଥିଲେ। ଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ ରାଷ୍ଟ୍ରପତି ମୁର୍ମୁ। ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟପାଳ ହରିବାବୁ କମ୍ଭମପାଟି। ଏହାପରେ ସେଠାରୁ ରାଜଭବନ ଯାଇ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଥିଲେ ରାଷ୍ଟ୍ରପତି। ପରେ ବିଧାନସଭାକୁ ଯାଇ ପ୍ରଥମ ଥର ପାଇଁ ଗୃହକୁ ସମ୍ବୋଧିତ କରିଥିଲେ।

# ଉନ୍ମୋଚିତ ହେଲା ବିକ୍ରମ-୧

ହାଇଦ୍ରାବାଦ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚ୍ଚୁଆଲ ମୋଡ୍ ଯୋଗେ ଦେଶର ପ୍ରଥମ ଘରୋଇ ରକେଟ୍ ବିକ୍ରମ-୧କୁ ଉନ୍ମୋଚନ କରିଛନ୍ତି। ହାଇଦ୍ରାବାଦ୍ ସ୍ଥିତ ସ୍କାଏରୁଟ୍ ଏରୋସ୍ପେସ୍‌ର ଇନ୍‌ଫିନିଟି କ୍ୟାମ୍ପସ୍ ଉଦ୍‌ଘାଟନ ସହ ମୋଦୀ ଏହି ବିକ୍ରମ-୧ ରକେଟ୍‌କୁ ଉନ୍ମୋଚନ କରିଛନ୍ତି। ପ୍ରକାଶ ଏହା ଭାରତର ପ୍ରଥମ ଘରୋଇ ରକେଟ୍ ଯାହା କକ୍ଷପଥରେ ସ୍ଥାପନ ହେବାକୁ ଥିବା ଉପଗ୍ରହଗୁଡ଼ିକୁ ପ୍ରକ୍ଷେପଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱର ସବୁଠାରୁ ନିର୍ଭରଯୋଗ୍ୟ ରକେଟ୍ ଲଞ୍ଚର୍ ନିର୍ମାଣ ଦିଗରେ ଭାରତର ଯାତ୍ରାକୁ ପ୍ରଶଂସା କରିଛନ୍ତି ଏବଂ ଭାରତ ବିଶ୍ୱସନୀୟତା, କ୍ଷମତା ଏବଂ ମୂଲ୍ୟରେ ନିଜର ପ୍ରତୀକ ସୃଷ୍ଟି କରିଛି ବୋଲି କହିଛନ୍ତି।






ମୋଦୀ କହିଛନ୍ତି ଯେ ଭାରତ ବିଶ୍ୱବ୍ୟାପୀ ଉପଗ୍ରହ ପ୍ରକ୍ଷେପଣ ପ୍ରଣାଳୀରେ ଏକ ନେତା ଭାବରେ ଉଭା ହେବାକୁ ଯାଉଛି, ଏହି ସଫଳତାକୁ ଦେଶର ବିଶ୍ୱସନୀୟତା ଏବଂ ନବସୃଜନର ପ୍ରତୀକ ବୋଲି ସେ ଅଭିହିତ କରିଛନ୍ତି। ସେହିପରି ମୋଦୀ, ସ୍କାଏରୁଟ୍‌ର ପ୍ରତିଷ୍ଠାତା ପବନ ଚନ୍ଦନା ଏବଂ ଭାରତ ଡାକା (ଉଭୟ ଆଇଆଇଟିର ପୂର୍ବତନ ଛାତ୍ର ରହିସାରିଥିବା ବେଳେ ଇସ୍ରୋରେ ବୈଜ୍ଞାନିକ ଭାବେ ମଧ୍ୟ କାମ କରିସାରିଛନ୍ତି)ଙ୍କୁ 'ଦେଶର ଯୁବପିଢ଼ିଙ୍କ ପାଇଁ ବଡ଼ ପ୍ରେରଣା' ଭାବେ ସମ୍ବୋଧନ କରିବା ପୂର୍ବକ ପ୍ରଶଂସା କରିଛନ୍ତି। ମୋଦୀଙ୍କ କହିବାନୁସାରେ ସ୍କାଏରୁଟ୍ ଭଳି କମ୍ପାନୀମାନଙ୍କ ଦ୍ୱାରା ପରିଚାଳିତ ଘରୋଇ ମହାକାଶ କ୍ଷେତ୍ରର ଅଭିବୃଦ୍ଧି, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ସଂସ୍କାରର ଏକ ସିଧାସଳଖ ପ୍ରମାଣ। ଅନ୍ୟପକ୍ଷେ ଏହା ଏହା ଭାରତର ମହାକାଶ କ୍ଷେତ୍ର ଏବଂ ଏହାର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ସୂଚନାଯୋଗ୍ୟ, ଅତ୍ୟାଧୁନିକ ସୁବିଧା ସହିତ କ୍ୟାମ୍ପସ୍‌ଟି ପ୍ରାୟ ୨୦୦,୦୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ। ଏଥିରେ ଏକାଧିକ ପ୍ରକ୍ଷେପଣ ଯାନର ଶେଷ-ରୁ-ଶେଷ ବିକାଶ, ସମନ୍ୱୟ ଏବଂ ପରୀକ୍ଷଣ ପାଇଁ ଡିଜାଇନ୍ କରାଯାଇଛି, ଯାହା ପ୍ରତି ମାସରେ ଗୋଟିଏ କକ୍ଷପଥ ରକେଟ୍ ଉତ୍ପାଦନ କରିବାର କ୍ଷମତା ରଖିଛି।

## ବାଣିଜ୍ୟ ମେଳାରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର: ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ପ୍ରକାଶ କରିବା ସହିତ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ସମୁଦାୟ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗ ଦେଇଥିଲେ। ଓଡ଼ିଶା ସାମଗ୍ରୀକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଏହି ସଫଳତା ହାସଲ କରିଛି। କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ଓଡ଼ିଶା ଏହି ପୁରସ୍କାର ପାଇବା ସହିତ ଏଥରକୁ ମିଶାଇ ଦୁଇ ଥର ସ୍ୱର୍ଣ୍ଣ ପଦକ ପାଇଛି।

# ସୁନ୍ଦର ବିଶ୍ୱ ଗଠନର ଅଙ୍ଗୀକାର

'ଗ୍ଲୋବାଲ ଅର୍ଡର' ବା ବିଶ୍ୱର ଶୃଙ୍ଖଳା ବଦଳିଯାଉଛି। ଶୀତଳ ଯୁଦ୍ଧ ପରବର୍ତ୍ତୀ ୯୦ ଦଶକରେ ଆରମ୍ଭ ହୋଇଥିବା ନବ୍ୟ ଉଦାରବାଦୀ ଆର୍ଥିକ କାର୍ଯ୍ୟକ୍ରମ ଯୁଗରେ ଦ୍ରୁତ ଆର୍ଥିକ ବୃଦ୍ଧି ସତ୍ତ୍ୱେ ଗୋଟିଏ ପରେ ଗୋଟିଏ ବିଶ୍ୱବ୍ୟାପୀ ଆର୍ଥିକ ବିପର୍ଯ୍ୟୟ, କ୍ରମ ବର୍ଦ୍ଧମାନ ସାମାଜିକ ଓ ଆର୍ଥିକ ବୈଷମ୍ୟ ବଢ଼ିଚାଲିଛି। ଏହାସହ କୋଭିଡ୍ ମହାମାରୀ, ୟୁରୋପ ଓ ଏସିଆ ବ୍ୟାପୀ ସାମରିକ ସଂଘର୍ଷ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଆମେରିକା ଓ ଚାଇନାର ଭୂରାଜନୈତିକ ଲଢ଼େଇ ବିଶ୍ୱର ଯାବତୀୟ ସମୀକରଣକୁ ବଦଳାଇଦେଉଛି। ଏହି ବିଶୃଙ୍ଖଳ ସ୍ଥିତିରୁ ଭବିଷ୍ୟତର 'ଗ୍ଲୋବାଲ ଅର୍ଡର' କ'ଣ ହେବାକୁ ଯାଉଛି, ତାହା ଅନୁମାନ କରିବା କଷ୍ଟକର। ଆଗାମୀ ଦିନର ଦିଗକୁ ଦୃଷ୍ଟିଦେଲେ ମନେହୋଇପାରେ ସାମଗ୍ରିକ ଭାବେ ସାରା ବିଶ୍ୱରେ ଆର୍ଥିକ ଓ ସାମରିକ ସଂଘର୍ଷ ବଢ଼ିବ। ଗଣତାନ୍ତ୍ରିକ ଦେଶଗୁଡ଼ିକ ଅସ୍ଥିରତା ଭୋଗିବେ, ବୈଷମ୍ୟତାର ପ୍ରକୋପ ଆହୁରି ବୃଦ୍ଧି ପାଇବ। କିନ୍ତୁ ଅନ୍ୟ ଦିଗରେ ବିକଳ୍ପ ସ୍ଥିତିଶୀଳ ବିଶ୍ୱର କଥା ମଧ୍ୟ ଆମେ ଭାବିପାରୁ ଯେଉଁଠି ଚାଇନା, ଆମେରିକା ସହ ଶକ୍ତିଶାଳୀ ଦେଶଗୁଡ଼ିକର ସମ୍ପର୍କରେ ମତାନ୍ତର ରହିଥିଲେ ମଧ୍ୟ ରଣକୌଶଳଗତ ସହଯୋଗିତା ରହିବ ଏବଂ ସାମରିକ ସଂଘର୍ଷ କମିବ। ଜନସ୍ୱାସ୍ଥ୍ୟ ଉନ୍ନତି, ସାମାଜିକ ଓ ଅର୍ଥନୈତିକ ପ୍ରଗତିକୁ ଗୁରୁତ୍ୱ ଦେଇ ବୈଷମ୍ୟ କମାଇବାର ପ୍ରକଳ୍ପଗୁଡ଼ିକ ବାସ୍ତବାୟିତ ହେବ ଏବଂ ଶେଷରେ ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ତଥା ସନ୍ତ୍ରାସବାଦର ହାତରୁ ପୃଥିବୀକୁ ମୁକ୍ତ କରିବେ। ଏହି ଗ୍ଲୋବାଲ ଅର୍ଡର ବାସ୍ତବରେ ପ୍ରୟୋଗ କରିବା କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ। ବିକଳ୍ପ ବ୍ୟବସ୍ଥା ହେବ ଏକ ପ୍ରକାର 'ମେଟା-ରିଜିମ୍ ?' ଅର୍ଥାତ୍ ? ଏପରି ଏକ ଫ୍ରେମ୍‌ୱାର୍କ ବା ବ୍ୟବସ୍ଥା ଯେଉଁଠି ଚରମ ଶତ୍ରୁ ଦେଶଗୁଡ଼ିକ ଏକ ଟେବୁଲରେ ବସି ଆଲୋଚନା ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଯାବତୀୟ ସମସ୍ୟାର ସମାଧାନ କରିବାର ସୁଯୋଗ ପାଇବେ , ଯାହା ବର୍ତ୍ତମାନ ବିଶ୍ୱବାଣିଜ୍ୟ ସଂସ୍ଥା ଅଥବା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ବ୍ୟବସ୍ଥାରେ ସମ୍ଭବ ନୁହେଁ। ଆଲୋଚନା ଆଗେଇ ନେଇଯିବା ସ୍ୱାର୍ଥରେ ଏ କ୍ଷେତ୍ରରେ ସମସ୍ତଙ୍କ ଆଗରେ ଆମକୁ ବୁଝିବାକୁ ହେବ ବର୍ତ୍ତମାନର ବିଶ୍ୱ ଶୃଙ୍ଖଳାର ଦୁର୍ବଳତା କ'ଣ ସବୁ?

୧୯୯୦ ପରବର୍ତ୍ତୀ ନବ୍ୟ ଉଦାରବାଦୀ ବିଶ୍ୱାୟନର ଅର୍ଥନୈତିକ ମଡେଲ କ୍ରମଶଃ ଅଭ୍ୟନ୍ତରୀଣ ସମସ୍ୟା ସାମ୍ନା କରିବାରେ ଲାଗିଛି। ସୁପରପାୱାର ସହ ଅଧିକାଂଶ ବିକାଶଶୀଳ ଦେଶର ଆର୍ଥିକ ଅଭିବୃଦ୍ଧିର ସିଂହଭାଗ ବ୍ୟବହୃତ ହେଉଛି ସାମରିକ ଖର୍ଚ୍ଚ ବାବଦରେ। ଫଳରେ ରାଷ୍ଟ୍ରର ସାମାଜିକ କଲ୍ୟାଣକାରୀ ବ୍ୟବସ୍ଥା କ୍ରମଶଃ ବ୍ୟର୍ଥ ହେବାରେ ଲାଗିଛି।

ନୂତନ ବିଶ୍ୱ ବ୍ୟବସ୍ଥାର ଶକ୍ତିଶାଳୀ ଦେଶଗୁଡ଼ିକ ସକଳ ବିଷୟରେ ସହମତ ହେବା ଦରକାର। ଏହାସହ କିଛି ମୂଳଗତ ନିୟମ ଆଧରରେ ନୂଆ ବ୍ୟବସ୍ଥାକୁ ମାନି ଚଳିବାକୁ ହେବ। ବିବଦମାନ ଏକ ପକ୍ଷର ଲାଭ ହେଲେ ମଧ୍ୟ ଅପରପକ୍ଷର କ୍ଷତି ନ ହେବା ଏବଂ ସର୍ବଶେଷରେ ଏକାଧିକ ଦେଶର ମିଳିତ ପ୍ରଚେଷ୍ଟାରେ ସମସ୍ୟାର ସମାଧାନ କରିବାକୁ ପଡ଼ିବ। ପ୍ରଥମ ଶ୍ରେଣୀର ନିଷେଧାଦେଶ ଯୋଗ୍ୟ କାର୍ଯ୍ୟ ହେଲା ଯେକୌଣସି ପ୍ରକାର ଯୁଦ୍ଧ ବେସାମରିକ ଲୋକଙ୍କ ଉପରେ ମିଶାଇଲ ଚଳାଇବାଠାରୁ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣରୁ ବିରତ ରହିବା। ଦ୍ୱିତୀୟ ଶ୍ରେଣୀ(କାଟାଗୋରି)ରେ ଏଭଳି ବିଷୟଗୁଡ଼ିକୁ ରଖିବାକୁ ହେବ, ଯାହା ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ପାରିଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପକୃତ ହେବେ, ଯେପରି ସମ୍ପ୍ରତି ଆମେରିକା-ଚାଇନା ବାଣିଜ୍ୟ ବୁଝାମଣା। ଏହି ଚୁକ୍ତି ଅନୁଯାୟୀ ଚାଇନାଠାରୁ ଆମେରିକା ରେୟାର ଆର୍ଥ ମ୍ୟାଟେରିଆ (ବିରଳ ମୃତ୍ତିକା ଦ୍ରବ୍ୟ) ଆମଦାନୀ ସହଜରେ ହୋଇଛି।

ସେହିପରି ଆମେରିକାରୁ ଚାଇନା ଉନ୍ନତ ପ୍ରଯୁକ୍ତି ରପ୍ତାନି ସମେତ କିଛି କିଛି ଅର୍ଥନୈତିକ ନିଷେଧାଦେଶ ଉଠାଇନେବାର ସିଦ୍ଧାନ୍ତ ହୋଇଛି।

ଯେଉଁ ପରିସ୍ଥିତିରେ ଆଲୋଚନା କରିବା କିମ୍ବା ସମାଧାନର ପଥ ଖୋଜି ପାଇବା ସମ୍ଭବ ନ ହେବ ସେଠାରେ ଆସିବ ତୃତୀୟ ଶ୍ରେଣୀ (କାଟାଗୋରି)ର ବିଷୟ, ଯାହାର ମୂଳନୀତି ହେବ ଅନ୍ୟ ଦେଶର ରାଜନୈତିକ, ସାମାଜିକ ଏବଂ ଭୌଗୋଳିକ ସାର୍ବଭୌମତ୍ୱ ଉପରେ ସିଧାସଳଖ ହସ୍ତକ୍ଷେପ ନ କରିବା। ଫଳରେ ଉପମହାଦେଶର ଆଖପାଖର ଦେଶଗୁଡ଼ିକ ସହ ବିଭିନ୍ନ କ୍ଷେତ୍ରରେ ବୈଷମ୍ୟ ବୃଦ୍ଧି ପାଇଲେ ମଧ୍ୟ ସେମାନଙ୍କ ସାର୍ବଭୌମତ୍ୱରେ କ୍ଷତି ହେବନାହିଁ। ଚତୁର୍ଥ ତଥା ଶେଷ ଶ୍ରେଣୀର ବିଷୟ ହେଲା କୋଭିଡ୍ ୧୯, ସନ୍ତ୍ରାସବାଦ, ପରମାଣୁ ଅସ୍ତ୍ରର ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ପରି ବିଷୟ, ଯେଉଁଠି ଏକାଧିକ ଦେଶର ସହଯୋଗିତା ଏକାନ୍ତ ପ୍ରୟୋଜନ। ସମ୍ପ୍ରତି ସଂଘର୍ଷମୟ ପରିବେଶରେ ଏହି ବ୍ୟବସ୍ଥାରେ ସୁଫଳଗୁଡ଼ିକୁ ବୁଝିହେବ ଯେପରି ନିରପେକ୍ଷ ସଂସ୍ଥା ଦ୍ୱାରା ଗାଜା ଭୂଖଣ୍ଡର ଖାଦ୍ୟ ସଙ୍କଟ ଓ ଶିଶୁ ମୃତ୍ୟୁର ସମୀକ୍ଷା କରାଯାଇଥିଲେ ହୁଏତ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ହୋଇ ନ ଥାନ୍ତା।

ଆଉ ଏକ ଉଦାହରଣ ହୋଇପାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଏଥିରେ ଦୁଇ ଦେଶର ସାମଗ୍ରିକ କ୍ଷତି ହେବା ସହ ତୃତୀୟ ପକ୍ଷ ରୂପେ ସାରା ୟୁରୋପ ବିପଦରେ ପଡ଼ିଛି। ରୁଷିଆ ଉପରେ ଅଧିକ ନିଷେଧାଜ୍ଞା ଜାରିକରିବା ଫଳରେ ୟୁରୋପ ଏପରିକି ଆଫ୍ରିକା ଓ ଏସିଆର ଅନେକ ଦେଶରେ ଗ୍ୟାସ୍ ଏବଂ ପେଟ୍ରୋଲ ମୂଲ୍ୟ ବଢ଼ିଯାଇଛି। ଫଳରେ ସବୁଠାରୁ ବେଶି ଗରିବ ଓ ବିକାଶଶୀଳ ଦେଶଗୁଡ଼ିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହା ସହ ୟୁକ୍ରେନ୍ ଶସ୍ୟ ଉପରେ ରୁଷିଆର ଅବରୋଧ ଯୋଗୁ ବିଶ୍ୱର କିଛି ଦେଶରେ ଖାଦ୍ୟର ମୂଲ୍ୟ ଉର୍ଦ୍ଧ୍ୱମୁଖୀ। ଏହି ସ୍ଥିତିର ମୁକାବିଲା ପାଇଁ ଉପରେ ଉଲ୍ଲେଖ କରାଯାଇଥିବା ଦ୍ୱିତୀୟ ଓ ଚତୁର୍ଥ ଶ୍ରେଣୀ ବିଷୟରେ କୂଟନୀତି ପ୍ରୟୋଗ କରିବା ଉଚିତ ଥିଲା। ୟୁକ୍ରେନ୍ ଯଦି ରୁଷିଆର ପ୍ରଭାବରୁ ମୁକ୍ତ ରହିବାକୁ ଚାହେଁ ତା'ହେଲେ ସେହି କାର୍ଯ୍ୟ ନାଟୋର ଘାଟି ପ୍ରତିଷ୍ଠା ମାଧ୍ୟମରେ ନ କରି ଜାତିସଂଘର ନିରାପତ୍ତା ପରିଷଦ ମାଧ୍ୟମରେ ବେଶି ଗ୍ରହଣଯୋଗ୍ୟ ହୋଇଥାଆନ୍ତା।

ସମାନ କଥା ଏସିଆକୁ କେନ୍ଦ୍ରକରି ଚାଇନା-ଆମେରିକା ସଂଘାତ କ୍ଷେତ୍ରରେ ପ୍ରଯୁଜ୍ୟ। ଉଭୟ ଦେଶ ଏ ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ସେମାନଙ୍କ ନୀତି ସମ୍ପର୍କରେ କିଛି କହିନାହାନ୍ତି। ଏହା ବଦଳରେ ମଝିରେ ମଝିରେ ମୂଳତଃ ତାଇୱାନ ଓ ବିଶ୍ୱ ବାଣିଜ୍ୟକୁ କେନ୍ଦ୍ରକରି ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି, ଯାହା କୌଣସି ଭାବେ ଦୁଇଟି ଶକ୍ତିଶାଳୀ ଦେଶ ମଧ୍ୟରେ ସମ୍ପର୍କ ବଢ଼ାଇ ପାରିବନାହିଁ।

ଏ ପର୍ଯ୍ୟନ୍ତ ଆମ ଆଲୋଚନାର କେନ୍ଦ୍ର ଥିଲା ରାଷ୍ଟ୍ର ସହ ରାଷ୍ଟ୍ରର (ଷ୍ଟେଟ ଟୁ ଷ୍ଟେଟ ରିଲେଶନ) ସମ୍ପର୍କ। ତେବେ କିଛି ନନ୍‌ଷ୍ଟେଟ୍ ଆକ୍ଟର (ଅଣସରକାରୀ ସଙ୍ଗଠନ) ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି। ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମରେ ବଳୀୟାନ ସାରା ପୃଥିବୀର ଚିନ୍ତାଶୀଳ ବ୍ୟକ୍ତିମାନେ ଆଜି ଏକ ସୂତ୍ରରେ ଗୁନ୍ଥାହେବା ଫଳରେ ଆଗାମୀ ଦିନର ଗ୍ଲୋବାଲ ଅର୍ଡର କ'ଣ ହେବ ତାକୁ ନେଇ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଆଲୋଚନା ଆରମ୍ଭ ହେବା ଦରକାର। ନ ହେଲେ ଏହାଠାରୁ ଦୁର୍ବଳତର ଭବିଷ୍ୟତ ଆମେ ଦେଖିପାରିବା। କିନ୍ତୁ ସୁନ୍ଦର ପୃଥିବୀ ଗଢ଼ିତୋଳିବାର ଯେଉଁ ସୁଯୋଗ ଆମର ଅଛି, ସେହି ସୁଯୋଗକୁ ଗ୍ରହଣ କରିବା ପରବର୍ତ୍ତୀ ପ୍ରଜନ୍ମର ସ୍ୱାର୍ଥ ପାଇଁ ଏକାନ୍ତ ପ୍ରୟୋଜନୀୟ।

# ଜୀବନ ଦର୍ଶନ ହିଁ ବିଶ୍ୱ ଦର୍ପଣ

ପ୍ରତ୍ୟେକ ସଭ୍ୟତାର ପ୍ରତୀକଭାବେ ସାହିତ୍ୟ, ସଂସ୍କୃତି ଓ ଦର୍ଶନ ପ୍ରାଚୀନ ଅସ୍ତ୍ରରୂପେ ସମାଜକୁ କାଳଜୟୀ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶ୍ୱରେ ଗଢି ଉଠିଥିବା ଅଧିକାଂଶ ସଭ୍ୟତାର ଅନ୍ତରାଳେ ସାହିତ୍ୟ,ସଂସ୍କୃତି ଓ ଦର୍ଶନର ଝଲକ ନିଶ୍ଚିତି ଦେଖିବାକୁ ମିଳେ। ଭାବନାର ପ୍ରତୀକଭାବେ ଭାଷା ଓ ଭାଷାକୁ ସାମାଜିକ ଜୀବନରେ ବିସ୍ଥାପିତ କରିବା ପାଇଁ ସାହିତ୍ୟ ସାଜିଲା ଏକମାତ୍ର ମାଧ୍ୟମ। ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅବସ୍ଥାନରେ ଥିବା ସାମାଜିକ ଚଳଣି, ଜୀବନଶୈଳୀ, ରୀତିନୀତି, ପ୍ରଥା ପରମ୍ପରାକୁ ବଜାୟ ରଖିଥିବା ବିଶ୍ୱାସର ପରିପ୍ରକାଶକୁ ସଂସ୍କୃତି କୁହାଯାଏ। ସାହିତ୍ୟ ଓ ସଂସ୍କୃତିର ବିଶ୍ଳେଷଣାତ୍ମକ ତତ୍ତ୍ୱ ଜୀବନଦର୍ଶନ। ଜୀବନ ଦର୍ଶନସହ ମଣିଷ ଓତପ୍ରୋତଭାବେ ଜଡ଼ିତ। ଅର୍ଥାତ ଜୀବନର ମାର୍ଗଦର୍ଶକରୂପେ ଦର୍ଶନ ତା'ର ମହତ ଜ୍ଞାନତତ୍ତ୍ୱକୁ ବ୍ୟକ୍ତିତ୍ୱର ବିକାଶରେ ନିୟୋଜିତ କରିଛି। ମାନବୀୟ ସ୍ଥିତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତା' ଭିତରେ ଅନ୍ତର୍ନିହିତ ସତ୍ୟାସତ୍ୟକୁ ସମୀକ୍ଷାକରି ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର ଜିଜ୍ଞାସାକୁ ଦର୍ଶନ କୁହାଯାଏ। ବିଶ୍ୱ ଚିନ୍ତାଚେତନାର ପରିବର୍ତ୍ତନର ପ୍ରଚ୍ଛଦପଟରେ ଦାର୍ଶନିକ ଚିନ୍ତାଧାରା ଏକ ବୃହତ ଅସ୍ତ୍ରରୂପେ କାର୍ଯ୍ୟ କରିଆସିଛି। ବିଶ୍ୱର କୋଣଅନୁକୋଣରେ ସୃଷ୍ଟିହୋଇଥିବା ବୈପ୍ଳବିକ ସଂଗଠନରେ ଦାର୍ଶନିକମାନଙ୍କ ଭୂମିକାର ଗୁରୁତ୍ୱ ସର୍ବାଗେ। ଯେବେଯେବେ ମାନବୀୟ ମହତ୍ତ୍ୱ ଓ ମୂଲ୍ୟବୋଧର ପ୍ରସଙ୍ଗ ଆଲୋଚନାର ପରିସରକୁ ଆସେ ସେବେସେବେ ଦର୍ଶନ ମାନବ ସମାଜ ପାଇଁ କେନ୍ଦ୍ରବିନ୍ଦୁ ପାଲଟିଯାଏ। ସାମାଜିକ ବ୍ୟବସ୍ଥାକୁ ମଜଭୁତ ସହ ମଣିଷକୁ ଦିଗ-ଦର୍ଶନ ଦେବାରେ ଦର୍ଶନ ସଦାସର୍ବଦା ଚେଷ୍ଟିତ। ବିଶ୍ୱର ପ୍ରତ୍ୟେକ ବିକଶିତ ସଭ୍ୟତା ସହ ଦାର୍ଶନିକ ଚିନ୍ତାଚେତନା ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଜୀବନରେ ଜଡ଼ିତ। ଦର୍ଶନର ମୂଳତତ୍ତ୍ୱକୁ ସାମାଜିକ ମୂଲ୍ୟବୋଧର ପରିଚାୟକରୂପେ ଯୁଗେଯୁଗେ ଗ୍ରହଣ କରାଯାଇଛି। ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନରେ ବୁଦ୍ଧିବାଦ, ଇନ୍ଦ୍ରିୟାନୁଭୂତିବାଦ, ଆତ୍ମଜ୍ଞାନବାଦ ଏବଂ ବିଚାରବାଦର ବିଚାରଧାରାକୁ ଉପଯୁକ୍ତ ତର୍କ ଓ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ। ତତ୍ତ୍ୱବିଦ୍ୟା, ତର୍କବିଦ୍ୟା, ଜ୍ଞାନବିଦ୍ୟା, ନୈତିକ ବିଦ୍ୟା ଏବଂ ସୌନ୍ଦର୍ଯ୍ୟ ବିଦ୍ୟା ମାଧ୍ୟମରେ ଦର୍ଶନ ନିଜର ପରିଚୟ ଅର୍ଜନ କରେ।

ପ୍ରକୃତି ଏବଂ ପଦାର୍ଥର ନିହିତ ଗୁଣକୁ ଖୋଜିବା ବିଜ୍ଞାନର ଦାୟିତ୍ୱ। ଯେଉଁଠି ଜଡ ବିଜ୍ଞାନର ପରିସୀମା ଅନ୍ତହୁଏ ସେଇଠି ତତ୍ତ୍ୱବିଦ୍ୟାରୂପକ ଦର୍ଶନ ହିଁ ପାଲଟିଯାଏ ଜଗତର ମୂଳାଧାର। କାରଣ ସବୁ ବିଜ୍ଞାନର ସୃଷ୍ଟି ମଣିଷର ଜ୍ଞାନଜଗତରୁ। ଦାର୍ଶନିକ ପ୍ଲାଟୋଙ୍କ ମତରେ ଆତ୍ମାର ଖାଦ୍ୟ ହେଉଛି ଜ୍ଞାନ। ଦର୍ଶନ ହିଁ ଜ୍ଞାନ ଏବଂ ଜ୍ଞାନ ବିନା ବିଜ୍ଞାନର ଅସ୍ତିତ୍ୱ ବା କାହିଁ ? ଅର୍ଥାତ ଦର୍ଶନରେ ସବୁ ପ୍ରଜାତିର ବିଜ୍ଞାନ ନିହିତ। କାରଣ ସବୁର ଏକ ଶେଷସୂକ୍ଷ୍ମ ସିଦ୍ଧାନ୍ତରୂପେ ଦାର୍ଶନିକ ତତ୍ତ୍ୱ ଆବିର୍ଭାବ ହୋଇଥାଏ। ଉଭୟ ଅନ୍ତଃଜଗତ ଓ ବାହ୍ୟଜଗତର ସତ୍ୟାସତ୍ୟକୁ ଉପସ୍ଥାପନ ଦର୍ଶନର ମୂଳଲକ୍ଷ୍ୟ। ଜୀବନର ଆତ୍ମିକ ଅନୁଭୂତି, ଆତ୍ମିକ ସମୀକ୍ଷା ଏବଂ ଆତ୍ମିକ ସିଦ୍ଧାନ୍ତର ଶ୍ରେଷ୍ଠତ୍ୱକୁ ଅନୁଭବ କରିବା ହିଁ ଦର୍ଶନ। ଏହା ଜଡ ଜାଗତିକ ଅନୁଭୂତିରୁ ଆରମ୍ଭ ହୋଇ ଆଧାତ୍ମିକ ଜାଗରଣରେ ସମାପ୍ତ ହୁଏ।

ସୃଷ୍ଟିର ଗୂଢ଼ରହସ୍ୟକୁ ଉନ୍ମୋଚନ ସହ ମଣିଷର ଚାରିତ୍ରିକ ଆଚରଣ ଓ ଉଚ୍ଚାରଣ ପରିବର୍ତ୍ତନରେ ଲୁଚିରହିଛି ଦର୍ଶନର ସତ୍ୟତା। ଚାରିତ୍ରିକ ଆଚରଣ କହିଲେ ମଣିଷର ନୈତିକ ଆଧାର ଯାହା ଅତ୍ୟାବଶ୍ୟକ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ସମସ୍ତ ସାଂସାରିକ ଦୁଃଖଯନ୍ତ୍ରଣାର କାରଣ ନୈତିକହୀନତା ଯାହା ବୁଦ୍ଧ ତାଙ୍କ ଅଷ୍ଟାଙ୍ଗମାର୍ଗରେ ଅଭିହିତ କରିଛନ୍ତି। ମଣିଷର ଅତ୍ୟାବଶ୍ୟକ ମୂଲ୍ୟବୋଧ ଯାହା ଜୈନ ଦର୍ଶନରେ ଅଣୁ ମହାବ୍ରତ ଭାବେ ନାମିତ କରାଯାଇଛି। ଅଣୁ ମହାବ୍ରତର ଅନୁସରଣରେ ହିଁ ଶ୍ରେଷ୍ଠ ଜୀବନଦର୍ଶନ ନିହିତ। ଅହିଂସା, ସତ୍ୟ, ଆସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟକୁ ମହାବ୍ରତ କୁହାଯାଏ। ଏହି ସାଧନାକୁ ଯେପର୍ଯ୍ୟନ୍ତ ମାନବ ଜାତି ଆନ୍ତରିକଭାବେ ପାଳନ ନକରିଛି ସେ ପର୍ଯ୍ୟନ୍ତ ଧ୍ୟାନ ଜପ ଓ ତପରେ କୌଣସି ମୂଲ୍ୟନାହିଁ। ଏହାହିଁ ଜୀବନ ଦର୍ଶନ ଯାହାକୁ ମହାତ୍ମା ଗାନ୍ଧୀ ତାଙ୍କ ଜୀବନରେ ଅନୁସରଣପୂର୍ବକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅହିଂସା ଓ ସତ୍ୟକୁ ଏକ ଶ୍ରେଷ୍ଠ ହତିଆର କରିଥିଲେ।

ଅହିଂସା ଏକ ମାନସିକ ଅବସ୍ଥା ଯାହା ସଦାସର୍ବଦା ଅନ୍ୟର କ୍ଷତି ନ ପହଞ୍ଚାଇବାରେ ଏକ ପ୍ରତିଷେଧକ। ମନର ପରିକଳ୍ପନା, ବାକ୍ୟ ଓ କର୍ମ ଉପରେ ନକାରାତ୍ମକ ନିୟନ୍ତ୍ରିତ ପରିଭାଷା ହିଁ ଅହିଂସା। ପ୍ରେମ ଓ ସକାରାତ୍ମକ ଭାବନା ବି ଅହିଂସା। ପ୍ରତ୍ୟେକ ମଣିଷକୁ ମଣିଷ ଭଳି ବ୍ୟବହାର କରିବା ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠପୋଷକତା କରିବା ଅହିଂସା। ହିଂସା ମଣିଷକୁ ଓ ତା' ମନକୁ ପଥଭ୍ରଷ୍ଟ କରେ, ଆତ୍ମାକୁ କଳୁଷିତ ଓ କବଳିତ କରେ। କଳୁଷିତ ଓ କବଳିତ ମଣିଷ ସର୍ବଦା ହିଂସ୍ର ସ୍ୱଭାବର। ଜୀବ ପ୍ରତି ଦୟା, ଅନୁକମ୍ପା ଓ ସେବା ଅହିଂସାର ପ୍ରତୀକ। ଅହିଂସା ମାଧ୍ୟମରେ ଗାନ୍ଧୀ ସାଧୀନତା ଆଣିବାରେ ସଫଳ ହୋଇଥିଲେ। ଏହି ଅହିଂସାକୁ ସାହାରା କରି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା ମଧ୍ୟ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରି ତେଇଶ ବର୍ଷ କାରାବାସ କରିଥିଲେ। ଅହିଂସା ସହ ସତ୍ୟ ମଣିଷର ଆଉ ଏକ ସାଧନା ବା ବ୍ରତ। ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଚିରନ୍ତନ, ନିରାକାର, ଚିରସବୁଜ। ପ୍ରତ୍ୟେକ ବ୍ୟକ୍ତି ନିଜର ଭାବନା, ବାକ୍ୟ ଓ କର୍ମରେ ସତ୍ୟର ସମ୍ମାନ କରିବା ଉଚିତ। ନିଜ କର୍ମ ଓ ଜୀବିକା ପ୍ରତି ସଚେତନ ସହ କର୍ତ୍ତବ୍ୟପରାୟଣତାକୁ ଜୀବନର ଶ୍ରେଷ୍ଠ ବ୍ରତଭାବେ ପାଳନ କରିବା। ଏହା ଜୀବନର ବାସ୍ତବତା ଓ ବାସ୍ତବତା ହିଁ ସତ୍ୟ। ସତ୍ୟପଥରେ ପଥିକ ସର୍ବଦା ସଚ୍ଚୋଟ ପଣିଆକୁ ଏକ ଅସ୍ତ୍ରଭାବେ ବ୍ୟବହାର କରିଥାଏ। ସତ୍ୟନିଷ୍ଠ ବ୍ୟକ୍ତିର ମାନସିକ ଅବସ୍ଥା ସୁସ୍ଥ, କାରଣ ମିଥ୍ୟା ଓ ଭୟ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣାର କାରଣ। ଆସ୍ତେୟ ପଞ୍ଚ ମହାବ୍ରତର ଅନ୍ୟ ଏକ ଆଚରଣ ବିଧି। ଯେତେବେଳେ ଆମେ ଅନ୍ୟର ଜିନିଷକୁ ଚୋରି, ଠକି,ଶୋଷଣ ତଥା ପ୍ରତାରିତ କରି ନିଜର କରିବାର ଇଚ୍ଛା ପ୍ରକାଶ କରନ୍ତି ତାହା ମାନବୀୟ ମୂଲ୍ୟବୋଧ ନୁହେଁ। ଏଥିରୁ ନିବୃତ୍ତ ହେବା ନିହାତି ଜରୁରୀ ଓ ଏହା ଆସ୍ତେୟ। ଆପରିଗ୍ରହ ଚତୁର୍ଥ ମହବ୍ରତ ଯାହା ଆମ ସମସ୍ତଙ୍କୁ ଶିଖାଏ ଯେତିକି ଆବଶ୍ୟକ ସେତିକି ଗ୍ରହଣ କରାଯାଉ। ଆବଶ୍ୟକତାଠାରୁ ଅଧିକ ଗ୍ରହଣ ଲୋଭ। ଲୋଭର ବଶବର୍ତ୍ତୀ ବ୍ୟକ୍ତି ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ। ଖାଦ୍ୟ ଗ୍ରହଣଠାରୁ ବସ୍ତ୍ର ଆସବାସ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ନିଜକୁ ନିୟନ୍ତ୍ରିତ ରଖିବା ଦ୍ୱାରା କୌଣସି ମାନସିକ ଦ୍ୱନ୍ଦ୍ୱ ଉପୁଜେ ନାହିଁ। ବ୍ରହ୍ମଚର୍ଯ୍ୟ ଆମ ଚତୁରାଶ୍ରମ ଜୀବନର ପ୍ରଥମ ଆଶ୍ରମ ଓ ପଞ୍ଚ ମହାବ୍ରତ ସର୍ବଶ୍ରେଷ୍ଠ ବ୍ରତ। ପ୍ରତ୍ୟେକ ମଣିଷର ଏହା ଏକ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଜୀବନ ଶୈଳୀର ପ୍ରଥମ ପାହାଚ। ଉଭୟ ମନ ଓ ଶରୀରକୁ, ସ୍ୱଚ୍ଛ ଓ ଶୁଦ୍ଧ ରଖିବା ପାଇଁ ଇନ୍ଦ୍ରିୟମାନଙ୍କୁ ବିକାରଗ୍ରସ୍ତ ଚିନ୍ତାଧାରାରୁ ନିବୃତ୍ତ ରଖିବା ହିଁ ବ୍ରହ୍ମଚର୍ଯ୍ୟ। ଯୌନତୃପ୍ତିର ଅହେତୁକ ବ୍ୟାକୁଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କର ଅସଂଯତ ଉଚ୍ଚାରଣ ଓ ଆଚରଣ ସମସ୍ତ ସମସ୍ୟାର ମୂଳକାରଣ।

ଏକବିଂଶ ଶତାବ୍ଦୀ ଅତ୍ୟାଧୁନିକ ଜୀବନଶୈଳୀର ଯୁଗ। ଖାଦ୍ୟପେୟ, ବସ୍ତ୍ର ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀରେ କୃତ୍ରିମତା ଭରିଭରି ରହିଛି। କାମ-କ୍ରୋଧ-ଲୋଭ-ମଦ-ମୋହ-ମାତ୍ସର୍ଯ୍ୟର କରାଳ ଗର୍ଭରେ କବଳିତ ମଣିଷ କଣବା କରିବ ?ସେଇ କଳୁଷିତ ଓ କୃତ୍ରିମ ମାନସିକତାକୁ ମଣିଷ ସମାଜ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବାରେ ଲାଗିଛି। ସାମ୍ପ୍ରତିକ ବିଶ୍ୱମାନବ ଜାତି ଉଭୟ ଶାରିରୀକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେବାରେ ଲାଗିଛି। ବସ୍ତୁବାଦୀ ଦୁନିଆରେ ବସ୍ତୁପ୍ରତି ଅହେତୁକ ଦୁର୍ବଳତା ସହ ନିଜ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଲକ୍ଷ୍ୟରେ ସମସ୍ତେ ଧାବମାନ। ପ୍ରତିଦ୍ୱନ୍ଦ୍ୱିତା ଓ ଈର୍ଷାପରାୟଣତା ଧୀରେଧୀରେ ମାନସିକ ଉତ୍ତେଜନା ଓ ଚାପଗ୍ରସ୍ତ ଜୀବନ ସୃଷ୍ଟି କରିଚାଲିଛି। ଏହି ପରିପ୍ରେକ୍ଷୀରେ ଦର୍ଶନର ତତ୍ତ୍ୱ ନିଶ୍ଚିତଭାବେ ଏକ ଉତ୍ତମମାର୍ଗ ଭାବେ ବିଶ୍ୱର ଜନସାଧାରଣଙ୍କୁ ମାର୍ଗଦର୍ଶକ ହୋଇ ସୁସ୍ଥ ସମାଜ ଗଠନ କରିବାରେ ସଫଳ ହେବ।

## ବିଜେପି ସାଂସଦ ସମ୍ବିତ୍ ପାତ୍ରଙ୍କ ସାଂଘାତିକ ଦାବି

# ଭାରତ ବିରୋଧୀ ମାହୋଲ ସୃଷ୍ଟି କରିବାକୁ ଚାଲିଛି ଷଡ଼ଯନ୍ତ୍ର




ନୂଆଦିଲ୍ଲୀ: ବିଜେପି ସାଂସଦ ସମ୍ବିତ ପାତ୍ର ଏକ ଭୟଙ୍କର ତଥ୍ୟକୁ ସାମ୍ନାକୁ ଆଣିଛନ୍ତି। ସମ୍ବିତ୍ ଦାବି କରିଛନ୍ତି ଯେ, କଂଗ୍ରେସ ଭାରତ ବିରୋଧରେ ଏକ ମିଥ୍ୟା ତଥା ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବା ପାଇଁ ନିଜର ଏକ ସ୍ୱତନ୍ତ୍ର କ୍ୟାମ୍ପେନ୍ ଚଳାଇଛି। କଂଗ୍ରେସ ଦେଶ ବାହାରେ ଥିବା ବିଭିନ୍ନ ଲୋକଙ୍କ ସହ ହାତ ମିଳାଇଛି। ସମ୍ବିତ୍‌ଙ୍କ କହିବାନୁସାରେ ଅନେକ କଂଗ୍ରେସ ନେତାଙ୍କର ଏବଂ ସଂଗଠନର ଅନେକ ସୋସିଆଲ ଆକାଉଣ୍ଟଗୁଡ଼ିକର ସ୍ଥାନ ବା ଲୋକେସନ ଭାରତରେ ନୁହେଁ, ବରଂ ବିଦେଶରେ ଅଛି। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର 'ଲୋକେସନ' ବ୍ୟବସ୍ଥାକୁ ଆଧାର କରି କଂଗ୍ରେସ ସମ୍ପର୍କରେ ଏସବୁ ଜଣାପଡିଛି।

ଏହି ଅବସରରେ ସମ୍ବିତ୍ ସୂଚନା ଦେଇ କହିଛନ୍ତି ଯେ କଂଗ୍ରେସ ନେତା ପଓ୍ୱନ୍ ଖେଡାଙ୍କ ସୋସିଆଲ ଆକାଉଣ୍ଟ ଆମେରିକାରୁ ପରିଚାଳିତ ହେଉଛି। ସେହିପରି ମହାରାଷ୍ଟ୍ର କଂଗ୍ରେସର ଦଳୀୟ ସୋସିଆଲ ଆକାଉଣ୍ଟ ପ୍ରଥମେ ଆୟରଲ୍ୟାଣ୍ଡରୁ ପରିଚାଳିତ ହେଉଥିଲା, କିନ୍ତୁ ପରେ ଏହାକୁ ଭାରତକୁ ପରିବର୍ତ୍ତନ କରାଯାଇଛି। ହିମାଚଳ କଂଗ୍ରେସର ସୋସିଆଲ୍ ଆକାଉଣ୍ଟ ଥାଇଲ୍ୟାଣ୍ଡ ସହିତ ଲିଙ୍କ୍ ହୋଇଥିବା ଜଣାପଡ଼ିଛି। ସମ୍ବିତ ପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୨୦୧୪ରେ ବିଜେପି କ୍ଷମତାକୁ ଆସିବା ପରଠାରୁ କଂଗ୍ରେସ, ରାହୁଲ ଗାନ୍ଧୀ ଏବଂ ବାମପନ୍ଥୀ ଦଳଗୁଡ଼ିକର ପ୍ରମୁଖ ବ୍ୟକ୍ତିମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତକୁ ଅପମାନିତ କରିବାରେ କୌଣସି ସୁଯୋଗ ଛାଡ଼ିନାହାଁନ୍ତି। ଆଉ ଏସବୁ ପଛରେ ଥିବା କଂଗ୍ରେସ ସମର୍ଥିତ ପ୍ରଭାବଶାଳୀ ବ୍ୟକ୍ତିବିଶେଷମାନେ ପାକିସ୍ତାନ, ବାଂଲାଦେଶ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥାପିତ ଅଛନ୍ତି ଏବଂ ଭାରତ ବିରୁଦ୍ଧରେ ଏକ ଏଜେଣ୍ଡା ଅନୁସରଣ କରୁଛନ୍ତି। ସମ୍ବିତ୍ କହିଛନ୍ତି, 'କଂଗ୍ରେସର ମିଶନ ହେଉଛି ଦେଶକୁ ବିଭାଜିତ କରିବା, ତେଣୁ, ଏହା ଭାରତ ବିରୁଦ୍ଧରେ ଏକ ପରିବେଶ ସୃଷ୍ଟି କରିବା ପାଇଁ ବିଦେଶୀ ଦେଶମାନଙ୍କ ସହିତ ହାତ ମିଳାଇଛି। କଂଗ୍ରେସ ସମର୍ଥିତ ଅନେକ ବିଦେଶୀ ଆକାଉଣ୍ଟ ଭାରତର ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରୁଛନ୍ତି ଏବଂ ନିର୍ବାଚନ କମିଶନଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାର ମଧ୍ୟ ନଜରକୁ ଆସିବାରେ ଲାଗିଛି।

ବିଜେପି ସାଂସଦ ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ଯେ ବିଦେଶୀ ମଞ୍ଚରୁ ମୁଖ୍ୟତଃ ତିନି ପ୍ରକାର କଥାବାର୍ତ୍ତା ପ୍ରସ୍ତୁତ କରାଯାଉଛି: ପ୍ରଥମଟି ହେଉଛି ଭୋଟ୍ ଚୋରି, ଦ୍ୱିତୀୟଟି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦୁର୍ବଳ କରିବାର ପ୍ରୟାସ ଏବଂ ତୃତୀୟଟି ହେଉଛି, ଆରଏସ୍ଏସ୍ ଏବଂ ମୋଦୀଙ୍କ ବିରୁଦ୍ଧରେ ନିରନ୍ତର ଆକ୍ରମଣ। ତେବେ ଏସବୁ କିଛି ଏକ ସଂଗଠିତ ଷଡ଼ଯନ୍ତ୍ର ଏବଂ ଦେଶକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଉଦାହରଣ ଭାବେ ଶ୍ରୀ ପାତ୍ର ଆଉ ଦୁଇଟି ପ୍ରସଙ୍ଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଯେପରିକି ଅର୍ପିତ ଶର୍ମା ନାମକ ଜଣେ ବ୍ୟକ୍ତିଙ୍କ ସୋସିଆଲ ଆକାଉଣ୍ଟରେ ଭାରତରେ ଭୋଟ୍ ଚୋରି ହେଉଥିବା ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେତେବେଳେ କି ଏହି ଆକାଉଣ୍ଟ ୟୁରୋପ୍‌ରେ ରହିଛି। ଏତଦ୍‌ବ୍ୟତୀତ ସିଙ୍ଗାପୁରରେ ଅବସ୍ଥିତ ଅନ୍ୟ ଏକ ସୋସିଆଲ୍ ଆକାଉଣ୍ଟ ଭାରତୀୟ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ଆପତ୍ତିଜନକ ଟ୍ୱିଟ୍ ପୋଷ୍ଟ କରିଛି। ଏସବୁରୁ ଭାରତ ଏବଂ ଭାରତୀୟ ସାମ୍ବିଧାନିକ ସଂସ୍ଥାକୁ ବଦନାମ କରିବା ପାଇଁ ଏକ ନିୟମିତ ଷଡଯନ୍ତ୍ର ଜାରି ରହିଥିବା ସ୍ପଷ୍ଟ ଦୃଶ୍ୟମାନ ହେଉଛି ବୋଲି ବିଜେପି ସାଂସଦ କହିଛନ୍ତି।

## ତିନି ଦୁର୍ନୀତି ମାମଲାରେ ହସିନା ଦୋଷୀ ସାବ୍ୟସ୍ତ

ଢ଼ାକା: ବାଂଲାଦେଶର ଏକ କୋର୍ଟ ବାଂଲାଦେଶର ପ୍ରତାଡିତ ତଥା ପଦଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ୨୧ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ହସିନାଙ୍କ ବିରୋଧରେ ପୂର୍ବାଚଳର ରାଜୁକ୍ ନ୍ୟୁ ଟାଉନ୍ ପ୍ରୋଜେକ୍ଟ ଭଳି ଏକ ସରକାରୀ ଗୃହ ପ୍ରକଳ୍ପରେ ଜମି ଆବଣ୍ଟନରେ ଅନିୟମିତତା ସହିତ ଜଡିତ ତିନୋଟି ଦୁର୍ନୀତି ମାମଲାରେ ଏହି ଶୁଣାଣି କରାଯାଇଛି। ଢାକାର ସ୍ୱତନ୍ତ୍ର ବିଚାରପତି କୋର୍ଟ-୫ର ବିଚାରପତି ମହମ୍ମଦ ଅବଦୁଲ୍ଲା ଅଲ୍ ମାମୁନ୍ ଦୁର୍ନୀତିର ତିନୋଟି ମାମଲାରେ ୭ ବର୍ଷ ଲେଖାଏଁ ଜେଲଦଣ୍ଡ ଅର୍ଥାତ୍ ମୋଟ୍ ୨୧ ବର୍ଷର ଜେଲ୍‌ଦଣ୍ଡରେ ହସିନାଙ୍କୁ ଦଣ୍ଡିତ କରିଛନ୍ତି। ହସିନାଙ୍କୁ କ୍ରମାଗତ ଭାବେ ଏହି ଜେଲ୍‌ଦଣ୍ଡ ଭୋଗ କରିବାକୁ ହେବ। ଏହା ମଧ୍ୟରେ ସେ କେବଳ ଜାମିନ୍ ବା ପାରୋଲ୍‌ରେ କିଛି ସମୟ ପାଇଁ ବାହାରକୁ ଆସିପାରିବେ। ରିପୋର୍ଟ ଅନୁସାରେ ହସିନାଙ୍କ ବିରୋଧରେ ସରକାରୀ ପ୍ରକଳ୍ପଜନିତ ଜମି ଆବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଥିଲା ଏବଂ ଏହି ମାମଲାର ଶୁଣାଣି ମଧ୍ୟ ଜାରି ରହିଥିଲା।

## ରେୟାର ଆର୍ଥ ମ୍ୟାଗନେଟ୍ ଆମଦାନୀ କ୍ଷେତ୍ରରେ ହ୍ରାସ ପାଇବ ନିର୍ଭରଶୀଳତା

ନୂଆଦିଲ୍ଲୀ: ଦେଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଯଥାସାଧ୍ୟ ପଦକ୍ଷେପ ତଥା କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି କେନ୍ଦ୍ର ସରକାର। ଏହିକ୍ରମେ କେନ୍ଦ୍ର କ୍ୟାବିନେଟ୍ ଏକକାଳୀନ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ମୋଟ୍ ୧୯,୯୧୯ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ତେବେ କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମଗ୍ର ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥସାଧନ ପାଇଁ ଥିଲେ ମଧ୍ୟ ମୁଖ୍ୟତଃ ୨ଟି ରାଜ୍ୟ ଯେପରିକି ମହାରାଷ୍ଟ୍ର ଏବଂ ଗୁଜରାଟକୁ ଅଧିକ ଲାଭାନ୍ୱିତ କରିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜିର କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି।

ଶ୍ରୀ ବୈଷ୍ଣବ କହିଛନ୍ତି ପୁଣେ ମେଟ୍ରୋ ଏବଂ ବିରଳ ଧାତୁ ଚୁମ୍ବକ ସହିତ, ସରକାର ଦୁଇଟି ପ୍ରମୁଖ ରେଳ ପ୍ରକଳ୍ପ ଯେପରିକି ମୁମ୍ବାଇ ନିକଟବର୍ତ୍ତୀ ବଦଲାପୁର-କର୍ଜତ ଲାଇନ୍ ଏବଂ ଗୁଜରାଟର ଦ୍ୱାରକା ଲାଇନ୍‌କୁ ଅନୁମୋଦନ କରିଛନ୍ତି। ପୁଣେ ମେଟ୍ରୋ ସମ୍ପ୍ରସାରଣ ପାଇଁ ୯,୮୫୮ କୋଟି ଏବଂ ବିରଳ ଧାତୁ ଚୁମ୍ବକ ଯୋଜନା ପାଇଁ ୭,୨୮୦ କୋଟି ବ୍ୟୟ ବରାଦ କରାଯାଇଛି। ଏହି ଯୋଜନାର ଏହାର ଲକ୍ଷ୍ୟ ହେଉଛି ଭାରତରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଚୁମ୍ବକ ନିର୍ମାଣ କରିବା। ଏହି ଚୁମ୍ବକଗୁଡ଼ିକ ବୈଦ୍ୟୁତିକ ଯାନ ଏବଂ ମୋବାଇଲ୍ ଫୋନ୍‌ରେ ବ୍ୟବହୃତ ହୋଇଥାଏ। ବର୍ତ୍ତମାନ ସମୟରେ ଆମେ ଏଗୁଡ଼ିକ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ରହିଆସିଛେ। ତେବେ ଏହି ନିଷ୍ପତ୍ତି ଦ୍ୱାରା ଭାରତ ଏଦିଗରେ ଏବେ ଆତ୍ମନିର୍ଭରଶୀଳ ହୋଇପାରିବ। ଦେବଭୂମି ଦ୍ୱାରକା ପର୍ଯ୍ୟନ୍ତ (ଓଖାରୁ କାନାଲୁସ) ରେଳ ଲାଇନ୍‌ର ଦୋହରୀକରଣ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧,୪୫୭ କୋଟି ଟଙ୍କା ଖର୍ଚ୍ଚ ହେବ। ୧୫୯ କିଲୋମିଟର ଲମ୍ବା ଏହି ଲାଇନ ଦେବଭୂମି ଦ୍ୱାରକାକୁ ଯାତ୍ରା କରୁଥିବା ଟ୍ରେନ ସଂଖ୍ୟା ବୃଦ୍ଧି କରିବ। ଲାଇନର ଦୋହରୀକରଣ ଦ୍ୱାରା ମାଲବାହୀ ଟ୍ରେନଗୁଡ଼ିକ ମଧ୍ୟ ଦ୍ରୁତ ଗତିରେ ଚାଲିପାରିବ।ନୂତନ ଲାଇନଗୁଡ଼ିକ ସ୍ଥାନୀୟ ଟ୍ରେନ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ ଭାବରେ ପରିଚାଳନା କରିବାକୁ ଅନୁମତି ଦେବ।

## ଆସାମ ସରକାରଙ୍କ ନୂଆ ନିୟମ

# ଦ୍ୱିତୀୟ ବିବାହ କଲେ ୧୦ ବର୍ଷ ଜେଲ୍

ଦିସପୁର: ରାଜ୍ୟରେ ଚାଲିଥିବା ବହୁବିବାହ ପରମ୍ପରା ଉପରେ ନିୟନ୍ତ୍ରଣ ଆଣିବାକୁ ଆସାମ ସରକାର ଅଣ୍ଟା ଭିଡିଛନ୍ତି। ରିପୋର୍ଟ ଅନୁସାରେ ଆସାମ ସରକାର ଏବେ ବହୁବିବାହ ବିରୋଧୀ ବିଲ୍ ଆଗତ କରିଛନ୍ତି ଯେଉଁଥିରେ ଦ୍ୱିତୀୟ ବିବାହ କରୁଥିବା ଜଣେ ବ୍ୟକ୍ତି ପାଇଁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍ ବ୍ୟବସ୍ଥା ପ୍ରସ୍ତାବ କରାଯାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିଧାନସଭାରେ ଏକ ବହୁବିବାହ ବିରୋଧୀ ବିଲ୍ ଆଗତ କରିଛନ୍ତି । ଯେଉଁଥିରେ ପ୍ରଥମ ବିବାହ ବୈଧ ଥିବା ପର୍ଯ୍ୟନ୍ତ ଦ୍ୱିତୀୟ ବିବାହ କରିବାରେ କିମ୍ବା ଲୁଚି ରହିବା ପାଇଁ ଜେଲ୍‌ଦଣ୍ଡ ତଥା ଏକ ବଡ଼ପରିମାଣର ଜୋରିମାନା ବ୍ୟବସ୍ଥା କରାଯାଇଛି। ଆଗତ ବିଲ୍‌କୁ ଆସାମ ବହୁବିବାହ ନିଷେଧ ବିଲ୍ ଭାବେ ଉପସ୍ଥାପିତ କରାଯାଇଛି।

ଆସାମ ବହୁବିବାହ ନିଷେଧ ବିଲ୍ – ୨୦୨୫ ଅନୁସାରେ ବହୁବିବାହକୁ ଏକ ଅପରାଧରେ ଗଣାଯିବ , ଯେଉଁଥିରେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ଜୋରିମାନ ବ୍ୟବସ୍ଥା ରହିଛି, ଏବଂ ଯଦି ଜଣେ ବ୍ୟକ୍ତି ପୂର୍ବ ବିବାହକୁ ଲୁଚାଇ ରଖନ୍ତି ତେବେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ମଧ୍ୟ ହେଇପାରେ। ସେହିପରି ବାରମ୍ବାର ଏପ୍ରକାର କରୁଥିବା ଅପରାଧୀଙ୍କ ପାଇଁ ଦଣ୍ଡ ଦ୍ୱିଗୁଣିତ ହେବ ବୋଲି ଦର୍ଶାଯାଇଛି। କେବଳ ଷଷ୍ଠ ଅନୁସୂଚୀମାନଙ୍କୁ ଛାଡି ଦେଲେ, ଏହି ଆଇନ ସାରା ରାଜ୍ୟରେ ପ୍ରଯୁଜ୍ୟ ହେବ ଏବଂ ସମ୍ବିଧାନର ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତିର ଲୋକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ନାହିଁ। କାରଣ ଆସାମରେ କିଛି ଜନଜାତି ପରମ୍ପରାଗତ ଆଇନ ଅନୁଯାୟୀ ବହୁବିବାହ କରିଥାନ୍ତି। ରାଜ୍ୟ ସରକାରଙ୍କ ଅନୁସାରେ ଏହି ବିଲ୍ , ବହୁବିବାହ ପ୍ରଥାକୁ ନିଷେଧ ବା ଦୂର କରିବା, ମହିଳାମାନଙ୍କୁ କଷ୍ଟରୁ ରକ୍ଷା କରିବା ଏବଂ ସମାଜକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ରଖିଛି। ଏଥିପାଇଁ ଅପରାଧୀକୁ ୨ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୧ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା କରଯାଇଛି। ଆଇନର ବ୍ୟବସ୍ଥା ବିରୁଦ୍ଧରେ ଜାଣିଶୁଣି ଏବଂ ଇଚ୍ଛାକୃତ ଭାବରେ ବିବାହ କରୁଥିବା ଯେକୌଣସି ପୁରୋହିତ କିମ୍ବା କାଜିଙ୍କ ପାଇଁ ଜରିମାନା ୧.୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଅନ୍ୟାନ୍ୟ ସହାୟତାକାରୀଙ୍କ ପାଇଁ ମଧ୍ୟ ଏହି ବିଲ୍‌ରେ ସ୍ୱତନ୍ତ୍ର ପ୍ରାବଧାନ କରାଯାଇଛି।

# ଭାରତର ଜାତୀୟ ଆକାଉଣ୍ଟ୍ସ୍ ପରିସଂଖ୍ୟାନକୁ ପୁଣି ଥରେ ଆଇଏମ୍ଏଫ୍‌ର ସି' ଗ୍ରେଡ୍

ନୂଆଦିଲ୍ଲୀ, ଓ୍ୱାଶିଂଟନ୍: ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ବାର୍ଷିକ ସମୀକ୍ଷା ରିପୋର୍ଟ ଆଧାରରେ ଭାରତର ଜାତୀୟ ଆକାଉଣ୍ଟ ପରିସଂଖ୍ୟାନ (ଏନ୍ଏଏସ୍)କୁ ସି'ଗ୍ରେଡ୍ ଅର୍ଥାତ୍ ଦ୍ୱିତୀୟ ସର୍ବନିମ୍ନ ଗ୍ରେଡ୍ ପ୍ରଦାନ କରିଛି। ଏନ୍ଏସ୍‌ରେ ମୁଖ୍ୟତଃ ଦେଶର ମୋଟ୍ ସକଳ ଘରୋଇ ଉତ୍ପାଦ (ଜିଡିପି) ଏବଂ ମୋଟ ମୂଲ୍ୟ ଯୋଡା (ଜିଭିଏ) ଭଳି ପ୍ରମୁଖ ସଂଖ୍ୟାଜନିତ ପରିସଂଖ୍ୟାନକୁ ଅନ୍ତର୍ଭୁକ୍ତ କରାଯାଇଥାଏ। ଆଇଏମ୍ଏଫ୍ ଉଲ୍ଲେଖ କରିଛି ଯେ ଭାରତର ଜାତୀୟ ଆକାଉଣ୍ଟ ଏବଂ ମୁଦ୍ରାସ୍ଫୀତି ତଥ୍ୟ ଅନୌପଚାରିକ କ୍ଷେତ୍ର ଏବଂ ଲୋକଙ୍କ ଖର୍ଚ୍ଚ ଢାଞ୍ଚା ଭଳି ପ୍ରମୁଖ ଦିଗଗୁଡ଼ିକୁ ପର୍ଯ୍ୟାପ୍ତ ଭାବରେ ଗ୍ରହଣ କରେ ନାହିଁ। ଅନ୍ୟପକ୍ଷେ ଆଇଏମ୍ଏଫ୍ ଏହା ମଧ୍ୟ ଦର୍ଶାଇଛି ଯେ, ସି' ଗ୍ରେଡ୍ ଅର୍ଥ ହେଉଛି ଉପଲବ୍ଧ ତଥ୍ୟରେ 'କିଛି ତ୍ରୁଟି ଅଛି ଯାହା କିଛି ପରିମାଣରେ ନିରୀକ୍ଷଣକୁ ବାଧା ଦିଏ। ତେବେ ଆଇଏମ୍ଏଫ୍ ପକ୍ଷରୁ ଏପ୍ରକାର ଗ୍ରେଡେସନ୍ ଭାରତ ସରକାର ଏବଂ ବିଶେଷକରି ଜାତୀୟ ଆକାଉଣ୍ଟ୍ସ ପରିସଂଖ୍ୟାନ ବିଭାଗ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। କାରଣ ଭାରତ ସରକାର ଆସନ୍ତା କାଲି ଅର୍ଥାତ୍ ଶୁକ୍ରବାର (ନଭେମ୍ବର ୨୮, ୨୦୨୮) ରେ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୟମାସିକ ପାଇଁ ଜାତୀୟ ଆକାଉଣ୍ଟ ତଥ୍ୟ ପ୍ରକାଶ କରିବେ।

'ଜାତୀୟ ଆକାଉଣ୍ଟ ତଥ୍ୟ ପର୍ଯ୍ୟାପ୍ତ ଫ୍ରିକ୍ୱେନ୍ସି ଏବଂ ସମୟାନୁବର୍ତ୍ତୀତାରେ ଉପଲବ୍ଧ ଏବଂ ବ୍ୟାପକ ଭାବରେ ପର୍ଯ୍ୟାପ୍ତ ପଠନଯୋଗ୍ୟ ତଥ୍ୟ ପ୍ରଦାନ କରିଥାଏ ବୋଲି ଆଇଏମ୍ଏଫ୍ ଭାରତର ଆର୍ଥିକ ଢାଞ୍ଚାର ବାର୍ଷିକ ଧାରା-୪ ମୂଲ୍ୟାଙ୍କନରେ ଉଲ୍ଲେଖ କରିଛି। ଆଇଏମ୍ଏଫ୍ ଏଥିରେ ଦର୍ଶାଇଛି ଯେ, କିଛି ପଦ୍ଧତିଗତ ଦୁର୍ବଳତା କିଛି ପରିମାଣରେ ନିରୀକ୍ଷଣକୁ ବାଧା ଦେଇଥାଏ ଏବଂ ସି' ଗ୍ରେଡ୍ ଜାତୀୟ ଆକାଉଣ୍ଟ ପାଇଁ ଏକ ସାମଗ୍ରିକ କ୍ଷେତ୍ରୀୟ ମୂଲ୍ୟାଙ୍କନକୁ ନିଶ୍ଚିତ କରିଥାଏ।

ସୂଚନାଯୋଗ୍ୟ, ଜିଡିପି ଏବଂ ଜିଭିଏ ପ୍ରସଙ୍ଗରେ ଭାରତୀୟ ଏନ୍ଏଏସ୍‌କୁ ସି' ଗ୍ରେଡ୍ ମିଳିଥିଲେ ମଧ୍ୟ ସାମଗ୍ରିକ ଭାବରେ, ସମସ୍ତ ଡାଟା ବର୍ଗରେ, ଭାରତ 'ବି' ଗ୍ରେଡ୍ ପାଇଛି। ମୋଟ୍ ଚାରୋଟି ଗ୍ରେଡ୍ ଅଛି: ଏ, ବି, ସି ଏବଂ ଡି।

ଭାରତ ସରକାର ଆରମ୍ଭରୁ, ସରକାର, ଲୋକ ଏବଂ କମ୍ପାନୀଗୁଡ଼ିକର ଆୟକୁ ନିର୍ଦ୍ଧାରଣ କରି ଜିଡିପି ନିର୍ଣ୍ଣୟ କରିବା ପାଇଁ ଆୟ ପଦ୍ଧତି ବ୍ୟବହାର କରିଛନ୍ତି। ତଥାପି, ଏହା ଖର୍ଚ୍ଚ ପଦ୍ଧତି ଉପରେ ଆଧାରିତ ଏକ ଆକଳନ ମଧ୍ୟ ପ୍ରଦାନ କରେ, ଯାହା ଏହି ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଇଥିବା ଖର୍ଚ୍ଚ ମାଧ୍ୟମରେ ଜିଡିପି ପରିମାଣ ନିର୍ଣ୍ଣୟ କରିବାକୁ ଚେଷ୍ଟା କରେ। ପ୍ରାୟତଃ, ଭିନ୍ନ ତଥ୍ୟ ଉତ୍ସ ଏବଂ ସେମାନଙ୍କର କଭରେଜ୍ ଯୋଗୁଁ, ଜିଡିପିର ଦୁଇଟି ଆକଳନ ଭିନ୍ନ ହୋଇଥାଏ, ଯାହା କିଛି ଅର୍ଥନୀତିଜ୍ଞଙ୍କ ସମାଲୋଚନାକୁ ଆକର୍ଷିତ କରିଛି। ଉଲ୍ଲେଖନୀୟ ଯେ, ଗତବର୍ଷର ସମୀକ୍ଷାରେ ମଧ୍ୟ ଭାରତର ଜାତୀୟ ଆକାଉଣ୍ଟ ପରିସଂଖ୍ୟାନକୁ ଆଇଏମ୍ଏଫ୍ ସି' ଗ୍ରେଡ୍ ରେ ହିଁ ରଖିଥିଲା। ଯଦିଓ ଆଇଏମ୍ଏଫ୍ ଚଳିତ ବର୍ଷ ଉଲ୍ଲେଖ କରିଛି ଯେ ଶେଷ ରିପୋର୍ଟ ଠାରୁ 'ତଥ୍ୟ ଦୁର୍ବଳତା ବ୍ୟାପକ ଭାବରେ ଅପରିବର୍ତ୍ତିତ ରହିଥିବା ଦର୍ଶାଇଛି ଅନ୍ୟପକ୍ଷେ ଭାରତରେ ପ୍ରକୃତ କ୍ଷେତ୍ର ପରିସଂଖ୍ୟାନକୁ ଅପଗ୍ରେଡ୍ କରିବାର ଯୋଜନା ତ୍ୱରାନ୍ୱିତ ହୋଇଥିବା ପ୍ରସଙ୍ଗକୁ ମଧ୍ୟ ସ୍ୱୀକାର କରିଛି।

ତେଜସ୍ୱିନୀ ସାହିତ୍ୟ Bhubaneswar : DECEMBER 01-07, 2025 



# ହାଉସ୍‌ୱାଇଫ୍

**ସୁନନ୍ଦା ମହାନ୍ତି**

ଜୀବନର ଧୁ ଧୁ ଖରା ସଦୃଶ ମାୟା ମରୀଚିକାର ମରୁବାଲିରେ କାହାକୁ ଯଦି ଓଏସିସ ମିଳିଯାଏ ଜୀବନ ହୁଏ ଧନ୍ୟ ଓ ପୂର୍ଣ୍ଣ। ସେମିତି ଆଗପଟ ବାଲକୋନିରେ ବସିଥିବା ଝିଅଟି ଯେବେ ହସିଦିଏ, ଆଣ୍ଟି ବୋଲି ଡାକିଦିଏ ପୁଣି ଆଉ କୋଉ ବହି ଆପଣଙ୍କର ପ୍ରକାଶିତ ହେଲାଣି କି ପଚାରି ପଢ଼ିବାକୁ ମାଗିବସେ ସତରେ ଅସୀତାଙ୍କ ଜୀବନ ସାୟାହ୍ନ ଆକାଶରେ ଚାନ୍ଦ ହସେ। ଝିଅଟି ଚାହିଁଥାଏ ସତେଯେମିତି ଦୁଇପଦ କଥା ହେବାକୁ ଅସୀତାଙ୍କ ସହ। ଅସୀତାଙ୍କୁ ମଧ୍ୟ ସମ୍ପର୍କ ମରୁଝଡ଼ରେ ସଜଫୁଟା ଗୋଲାପ କଢ଼ିଟି ମିଳିଯାଏ। ଝିଅଟିକୁ ଦେଖିଦେଲେ ଭାବପ୍ରବଣତା ଭିତରେ ଅନେକ ପ୍ଲଟ ମିଳିଯାଏ ଲେଖିବାକୁ। ଆଗକୁ ବଢିବାକୁ।

ଏଇ କିଛି ଦିନ ହେଲାଣି ଝିଅଟି ଆଉ ବାଲାକୋନିର କାଠ ଚେୟାର ଉପରେ ବସୁନି। ଆଖି ସହ ହୃଦୟ ଝିଅଟିକୁ ଖୋଜିଲା ବେଳେ ଝିଅଟି ହସ୍ପିଟାଲରେ ଅଛି ଶୁଣି ଅସ୍ଥିର ଲାଗିଲା ଅସୀତାଙ୍କୁ ତ ଦଉଡି ଗଲେ ସେ କ୍ୟାପିଟାଲ ହସ୍ପିଟାଲର ଥାର୍ଡ଼ ଫ୍ଲୋର୍‌ରେ ଥିବା ସିଟ ନମ୍ବର ଦଶ ରୁମ୍ ନମ୍ବର ବାଇଶକୁ। ଝିଅଟିକୁ ଇଞ୍ଜେକ୍ସନ୍ ଦିଆଯାଉଥିଲା। ସାଲାଇନ୍, ଅକ୍ସିଜେନ୍ ମଧ୍ୟ ଲାଗିଥିଲା। ବହୁ ସମୟ ପରେ ଝିଅଟିର ଚେତା ଫେରିବା ପରେ ତାର ପ୍ରଥମ ଦୃଷ୍ଟି ଅସୀତାଙ୍କ ଉପରେ ପଡିଥିଲା ତ ଗୋଟେ ସୁନ୍ଦର ହସ ଉକୁଟି ଆସିଥିଲା ଝିଅଟି ମୁହଁରୁ। ଡାକ୍ତର, ନର୍ସ ଓ ପରିବାର ଲୋକ ଆଶ୍ଚର୍ଯ୍ୟ ହେଲେ। ପୋଲିଓ ପେସେଣ୍ଟ ଝିଅଟିକୁ ଠିକ୍ ହୋଇ ଘରକୁ ଫେରିବାକୁ ଢେର ଦିନ ଲାଗିବ କହୁଥିଲେ ଡାକ୍ତର। ପୁଣି ଶାରୀରିକ ଶକ୍ତି ଅପେକ୍ଷା ମାନସିକ ଶାନ୍ତି ଝିଅଟି ପାଇଁ ଦରକାର ଥିଲା ବେଳେ ଅସୀତାଙ୍କ ହାତରୁ ସଜ ଗୋଲାପ ଫୁଲ ତୋଡ଼ା ଗ୍ରହଣ କରୁ କରୁ ଝିଅଟି ପଚାରୁଥିଲା ସବୁଦିନ ଆସିବ ନା ଆଣ୍ଟି ? ନିଶ୍ଚୟ ମୋ ମାଆକୁ ଦେଖିବାକୁ ସବୁଦିନ ଆସିବି। ମୋ ପାଇଁ ଏମିତି ତାଜା ଲାଲ ଗୋଲାପ ଫୁଲ ତୋଡ଼ା ଆଣିଦେବ ନା ଆଣ୍ଟି ? ନିଶ୍ଚୟ ଆଣିବି କହି ଅସୀତା ସବୁଦିନ ଯାଉଥିଲେ ଓ ଝିଅଟି ଖୁବ୍ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବ ଶୁଣି ଖୁସିରେ ଫାଟି ପଡୁଥିଲେ। ବାଲକୋନୀରେ ନିଜ ହାତରେ ଲଗାଇଥିବା ଲାଲ ଗୋଲାପଗୁଡ଼ିକୁ ସାଉଁଳି ଦେବା ବେଳେ ଅସୀତାଙ୍କୁ ଲାଗୁଥିଲା ଝିଅଟି ଯେମିତି ତାଙ୍କ ପାଖରେ ଅଛି।

ବେଙ୍ଗାଲୁରୁ ସାହିତ୍ୟାୟନ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଆସିବା ପରେ ଝିଅଟିର ଅବସ୍ଥା ଖୁବ ସାଙ୍ଘାତିକ ହୋଇ ପଡିଥିଲା ଶୁଣି ତାର ଦିନେ ଦୁଇଦିନ ପରେ ଅସୀତା ଖୁବ ସୁନ୍ଦର ସଜ ଗୋଲାପର ତୋଡ଼ା କରି ଦଉଡ଼ି ଯାଇଥିଲେ ଝିଅଟିକୁ ଦେଖା କରିବାକୁ। ହେଲେ ଥାର୍ଡ଼ ଫ୍ଲୋରର ଦଶ ନମ୍ବର ସିଟ୍‌ରେ ବାଇଶ ନମ୍ବର ରୁମ୍‌ରେ ଆଉ କେହି ଥିଲେ। ପରିଚିତ ଡାକ୍ତରଙ୍କୁ ଦେଖି ଅସୀତା ପଚାରିଥିଲେ ଝିଅଟି ସମ୍ପର୍କରେ। କାରଣ ଏଥର ବାଲକୋନୀରୁ ସବୁଦିନ ତା' ସହ ଦେଖା ହେବ ନିଶ୍ଚୟ।

ଡାକ୍ତର କହିଲେ- ଆଉ କେବେ ବି ଝିଅଟି ସଙ୍ଗେ ଦେଖାହୋଇପାରିବ ନାହିଁ ମ୍ୟାଡାମ।

- କାହିଁକି ଡକ୍ଟର ?

- ସେ ଆଉ ଏ ଦୁନିଆରେ ନାହିଁ। କିନ୍ତୁ ଆପଣଙ୍କୁ ଖୋଜୁଥିଲା ଖୁବ୍। କ'ଣ ହୁଏ ସେ ଆପଣଙ୍କର ? ସେ ମୋର ମରୁଭୂମିର ଓଏସିସ ଡକ୍ଟର। ସେ ମୋ ଜୀବନ ମରୁଦ୍ୟାନର ସଜ ଗୋଲାପଟିଏ। ଡାକ୍ତରଙ୍କ ପ୍ରତିକ୍ରିୟାକୁ ଅପେକ୍ଷା ନ କରି ଅସୀତା ଦଉଡ଼ିଥିଲେ ଘରକୁ। ବାଲକୋନୀର କାଠ ଚେୟାରଶୂନ୍ୟ ପଡ଼ିଥିଲା ଆଉ ଘରେ ତାଲା ଝୁଲୁଥିଲା। ଏବର୍ଷ ରଥଯାତ୍ରାରେ ତାଙ୍କୁ ଘୋଷିକା ଭାବେ ନିର୍ବାଚିତ କରାଯାଇଥିଲା ସତ ହେଲେ ଅଭିମାନରେ ସେ ପ୍ରତ୍ୟାଖ୍ୟାନ କରିଥିଲେ। ସ୍ୱପ୍ନରେ ଝିଅଟି ସତେ ଯେମିତି କହୁଥିଲା ଦୂରେଇ ଦେଲେ ଦୂରତା ବଢ଼ିଯାଏ। ଶ୍ରଦ୍ଧା ସୁମନ ଦେଇ ଭକ୍ତି ଭାବ ଉଜ୍ଜୀବିତ କରିବାକୁ ହେଲେ ସମୟ ପରିସ୍ଥିତି ଓ ସୁଯୋଗକୁ ହାତଛଡ଼ା କରିବା ଉଚିତ କଥା ନୁହେଁ। ରଥଯାତ୍ରା ଦିନ ଢେର ସାରା ସଜ ଗୋଲାପ ସହ ପୁରୀକୁ ଚାଲିଲା ବେଳେ ପଛରୁ କେହି କହୁଥିଲା ଜଗନ୍ନାଥଙ୍କୁ ଆମ ଭିତରେ ଥିବା ଶ୍ରଦ୍ଧା କଥା କହିବ ନା ଆଣ୍ଟି ? ଆଖି ଦୁଇଟି ଲୁହରେ ଗଙ୍ଗା ଯମୁନା ପାଲଟି ଯିବାବେଳେ ଫୋନ୍ ଆସିଥିଲା ଜଗନ୍ନାଥଙ୍କ ରଥଯାତ୍ରା ଧାରାବିବରଣୀ କାର୍ଯ୍ୟ ଶ୍ରଦ୍ଧାରେ ମିଳିଛି। ମନା କରନ୍ତୁନି ମ୍ୟାଡାମ ଶୀଘ୍ର ପହଞ୍ଚନ୍ତୁ। କିଏ କହୁଛନ୍ତି କହିବା ବେଳକୁ ଫୋନ କଟିଯାଇଥିଲା। ରଥଯାତ୍ରାରେ ସେ ସବୁରି ସ୍ୱର ଭିତରେ ତାଙ୍କୁ ଫୋନ କରୁଥିବା ସ୍ୱର ଖୋଜିଲା ବେଳେ ଝିଅଟିର ସ୍ୱର ଶୁଭୁଥିଲା ଯେମିତି।

ରଥଯାତ୍ରା ପରେ ରଥଯାତ୍ରା ଆସୁଥିଲା ସବୁବର୍ଷ ଆଉ ଉତ୍ତାପର ଡିଗ୍ରୀ ବଢୁଥିଲା ଦିନକୁ ଦିନ। ଠିକ୍ ସେହି ସମୟରେ ଏସି ଖରାପ ହୋଇଯାଇଥିଲା ତ ଅସୀତା ନିଜ ଘରୋଇ ଇଲେକ୍ଟ୍ରିସିଆନ ପଙ୍କଜକୁ ଡକାଇ ପଠାଇଥିଲେ। ପଙ୍କଜର ଝିଅ ହୋଇଥିବାରୁ ସେ ଖୁବ ଦୁଃଖ କରୁଥିବା ଶୁଣି ଅସୀତା ଖୁବ ବୁଝାଇଥିଲେ ପଙ୍କଜକୁ। ଝିଅ ଘରର ଲକ୍ଷ୍ମୀ। ଝିଅ ଦୁଇକୁଳର ହିତା ବୋଲି କହି ଅନେକ ଉଦାହରଣ ଦେଇ ଚାଲିଥିଲେ ଝିଅ ସପକ୍ଷରେ ତ ପଙ୍କଜ ଏଯାବତ ଧୈର୍ଯ୍ୟର ସହ ଝିଅମାନଙ୍କ ଗୁଣଗାନ ଶୁଣୁଥିବା ବେଳେ ଏକଦମ ବିରକ୍ତି ପ୍ରକାଶ କରିଥିଲା।

ସେ କହିଥିଲା- ରାଣୀ ଲକ୍ଷ୍ମୀବାଇ ହୁଅନ୍ତୁ ବା ରେଜିଆ ସୁଲତାନ୍ ହୁଅନ୍ତୁ ସମସ୍ତଙ୍କ ପଛରେ କେହିନା କେହି ପୁରୁଷ ସ୍ୱାମୀ ରୂପେ, ପିତା ରୂପେ, ବନ୍ଧୁ ରୂପେ ତାଙ୍କୁ ବଳ ଦିଅନ୍ତି ଓ ସହାୟ ହୁଅନ୍ତି। ମୁଁ ଗରିବ ଇଲେକ୍ଟ୍ରିସିଆନ ମାତ୍ର। ମୋର କାହିଁ ବଳ କଳ କୌଶଳ ଓ ସାମର୍ଥ୍ୟ ମ୍ୟାଡାମ ଯେ ମୁଁ ଝିଅ ବୋଝ ମୁଣ୍ଡେଇ ପାରିବି। ଏହି ଝିଅକୁ ମିଶେଇ ତିନିଟିନିଟା ଝିଅ ଜନ୍ମ କଲାଣି ମୋ ସ୍ତ୍ରୀ। କେତେ ସହିବି ଆଉ ? ବଡ଼ ଦୁଇଝିଅ କେତେ ବଡ଼ ହେଲେଣି ପଚାରିଦେଇ ଯାହା ଉତ୍ତର ପାଇଲେ ପଙ୍କଜଠାରୁ, ସ୍ତବ୍ଧ ଚକିତ ହୋଇଗଲେ ଅସୀତା। ଦୁଇଝିଅ ଜନ୍ମ ହେଉ ହେଉ ତାଙ୍କ କାମ ବଢ଼େଇ ଦିଏ ମ୍ୟାଡାମ ହେଲେ ଏ ଝିଅଟାକୁ ମାଆ ତାର ଜାବୁଡି ଧରି ଖାଲି କାନ୍ଦୁଛି। ପୋଲିଓ ଆକ୍ରାନ୍ତ ଝିଅଟା କୋଉଦିନ ମରିବ ହେଲେ ସେଯାଏଁ ତାକୁ ରଖି ପାରିବାର କ୍ଷମତା କାହିଁ ମୋର ? ଦେହ ଥରି ଉଠିଲା ଅସୀତାଙ୍କର। ସେହିଦିନ ରାତିରେ ପଙ୍କଜର ଝିଅକୁ ତା' ମାଆ କୋଳରୁ ଆଣି ଆସିବାବେଳେ ଝିଅର ମାଆ ବସୁଧା କହୁଥିଲା ମୋ ବୁକୁ ପଛେ ଫାଟିଯାଉ ମୋ ଝିଅ ବଞ୍ଚିଯାଉ। ଛାତିରେ ଝିଅକୁ ଜଡ଼ାଇ ଧରି ଅସୀତା କହୁଥିଲେ- ତୁମ ବୁକୁର ସୁଧା ପିଇ ସେ ଆଜି ଶ୍ରଦ୍ଧା ସ୍ୱରୂପ ରୂପେ ମୋ ଝିଅ ଗୋଲାପ। ଝିଅଟିକୁ ପାଇ ଅସୀତା କହୁଥିଲେ ମୁଁ ଫେରିପାଇଛି ତାକୁ।

- କାହାକୁ ମ୍ୟାଡାମ ?

- ମୋ ସଜ ଫୁଟା ଗୋଲାପକୁ। ତାଙ୍କର ଆଜି ଖୁବ ମନେ ପଡୁଥିଲା ସେଇ ଝିଅଟି ଯିଏ ତାଙ୍କୁ ଆଣ୍ଟି ଡାକୁ ଡାକୁ ଅମ୍ରୀୟତା କାଟି ଏ ଦୁନିଆରୁ ବିଦାୟ ନେଇଯାଇଥିଲା। ଅସୀତା ଖାଲି ଗୋଲାପକୁ ଆଣିନଥିଲେ। ଖୋଜି ଖୋଜି ବାପା ପଙ୍କଜ ଓ ମାଆ ବସୁଧା ସହାୟତାରେ ତା' ଉପର ଦୁଇଭଉଣୀଙ୍କୁ ମଧ୍ୟ ବାଳାଶ୍ରମରୁ ନେଇଆସିଥିଲେ ପାଖକୁ। ଘରେ ରଖିଥିଲେ ବାପା ପଙ୍କଜ ଓ ମାଆ ବସୁଧାକୁ। ଜୀବନର ତମାମ ସମୟ କିଛି ପାଇନଥିଲେ ମଧ୍ୟ ଏବେ ଦାନରେ ପୁଣ୍ୟ ଓ ମହତ ଉଦ୍ଦେଶ୍ୟର ମହତ୍ୱକାଂକ୍ଷା ସନ୍ଧାନ ପାଇ ରୋଜା ଲିଜା ଓ ଗୋଲାପକୁ ପଢ଼େଇ ବଢ଼େଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ଲକ୍ଷ୍ୟ ପୂରଣ ଦିଗରେ ଲାଗିପଡ଼ିଥିଲେ ଅସୀତା। ରୋଜା ଡାକ୍ତର ହୋଇ ବାହାରିଲା ବେଳେ ଲିଜା ବ୍ୟାଙ୍କ ଅଫିସର ହୋଇ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲେ ଦୁହେଁ। କିନ୍ତୁ ଗୋଲାପ ତାର ପୋଲିଓ ଗୋଡ଼ରେ ପାଠଶାଠ ପଢ଼ିଥିଲେ ମଧ୍ୟ ଗୀତା, ବେଦ, ରାମାୟଣ ପଢ଼ା ସହିତ ଜଗନ୍ନାଥଙ୍କୁ ଖୁବ ଭକ୍ତି କରୁଥିଲା। ତା' ଭକ୍ତି ଥିଲା ମୀରାଙ୍କ ପରି ଉପଲବ୍ଧି କରି ବାପା ମାଆଙ୍କ ସହାୟତାରେ ଅସୀତା ତାକୁ ପ୍ରତିବର୍ଷ ଜଗନ୍ନାଥ ଧାମକୁ ନେଉଥିଲେ। ନବଦିନ ବ୍ୟାପୀ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ ଦର୍ଶନ, ଭଜନ ଓ ଅବଢ଼ା ଭୋଜନ କରୁଥିଲେ ମଧ୍ୟ ଗୋଲାପ ତାର ଦେବଦାସୀ ହେବାର ଇଛା ପ୍ରକଟ କରିଥିଲା। ଜଗନ୍ନାଥଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ ଯାଇ ଗୋଲାପ ତା' ଇଛା ବ୍ୟକ୍ତ କରିଥିଲେ ମଧ୍ୟ ପୋଲିଓ ଆକ୍ରାନ୍ତ ଗୋଡ଼ ହୋଇଥିବାରୁ ଏଥିରୁ ନିବୃତ୍ତ ରହିବାକୁ ସମସ୍ତେ ତାକୁ ପରାମର୍ଶ ଦେଇଥିଲେ ମଧ୍ୟ ସେ ନାଚ ଶିଖୁଥିଲା। ଥରକୁ ଥର ପଡ଼ି ମଧ୍ୟ ଅଭ୍ୟାସ ଜାରିରଖିଥିଲା। ସେଥର ବହୁ ମହିଳା ଭକ୍ତ ଦେବଦାସୀ ହେବାପାଇଁ ଆବେଦନ କରିଥିଲେ। ସେଥିପାଇଁ ପ୍ରଶ୍ନ, କବିତା, ଗୀତ, ଭଜନ ଜଗନ୍ନାଥଙ୍କ ମହିମା କଥନ ଇତ୍ୟାଦି ସବୁ ବିଭାଗର ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ଥିଲା ନାଚ। ପରିବାର ସଦସ୍ୟଙ୍କ ପ୍ରୋତ୍ସାହନ ଥିଲେ ମଧ୍ୟ ନାଚରେ କ'ଣ ଗୋଲାପ ପାରିବ ଭାବି ସମସ୍ତେ ଦୁଃଖୀ ଥିଲେ.ହାରିଯାଇ ନଥିଲା ଗୋଲାପ।

ଶେଷରେ ନାଚିବାକୁ ଜଣଙ୍କ ପରେ ଜଣଙ୍କର ପାଳି ପଡୁଥାଏ। ଶେଷକୁ ଗୋଲାପର ନାମ ଡାକରା ହେଲା। ବିଚାରପତିମାନେ ପରସ୍ପର ମୁହଁକୁ ଚାହୁଁଥିଲା ବେଳେ ଅନ୍ୟ ପାର୍ଥିନୀମାନେ ଥଟ୍ଟା ପରିହାସ କରୁଥିଲେ। ଷ୍ଟେଜ୍‌କୁ ଉଠିବା ପୂର୍ବରୁ ଗୋଲାପ ପ୍ରଥମେ ପିତାମାତା ଓ ଅସୀତାଙ୍କ ପଦ ବନ୍ଦନା କରିବା ପରେ ଜୟ ଜଗନ୍ନାଥ କହି ଉଠିଲା ଷ୍ଟେଜକୁ। ଅସୀତା ମଧ୍ୟ ଘରୋଇ ଡାକ୍ତରଙ୍କୁ ଡକାଇଥାଆନ୍ତି। ଗୋଲାପ ନାଚୁଥିଲା ଅଭିନ୍ନ ଢଙ୍ଗରେ। ତା' ସହ ନିଜେ ଗାଉଥିଲା ଭକ୍ତି ରସ ପୂର୍ଣ୍ଣ ଜଣାଣ। ଏମିତି ନାଚୁଥିଲା କଳ୍ପନା ବାହାରେ ଥିଲା। ସେ ତା' ପୋଲିଓ ଗୋଡ଼ରେ ଏପରି ପ୍ରତିଭା ଦେଖାଇ ପାରିବ କେହି ବିଶ୍ୱାସ କରିପାରୁନଥିଲେ। ସବୁ ସେଇ ଲୀଳାମୟଙ୍କ ଇଛା କହି ଅସୀତା କନ୍ୟାକୁ କୋଳେଇ ନେଇଥିଲେ ନାଚ ଶେଷରେ। ଫଳ ଘୋଷଣାର ସମୟ। ଜଗନ୍ନାଥଙ୍କର କାହା ପ୍ରତି ଆଶୀର୍ବାଦ ଅଛି ? ତାଙ୍କ ସେବା କରିବାର ସୁଯୋଗ ପାଇବାକୁ କିଏ ହକଦାର ଦେଖିବାର କଥା। ନାମ ଘୋଷଣା ପରେ ଗୋଲାପ ଚେତା ହରାଇ ପଡ଼ିଥିଲା କାରଣ ତା' ନିଜ ନାମ ହିଁ ବିଜେତା ରୂପେ ଘୋଷଣା କରାଯାଇଥିଲା। ଡାକ୍ତରଙ୍କୁ ଦେଖାଇ ପରୀକ୍ଷା କଲାପରେ ସମସ୍ତଙ୍କୁ ଚକିତ କରି ବିନା କ୍ରଚ ଓ ବିନା କାହା ସାହାରାରେ ଗୋଲାପ ଆସିଥିଲା ଘରକୁ। ଯାହାର ଜଗନ୍ନାଥ ଭରସା ଯେତେ ଲୋକ ହସିଲେ ମଧ୍ୟ ସେ ବିଜୟ ଲାଭ କରିବ ହିଁ କରିବ। ଯିଏ ନାଚି ପାରିଲା ସେ ଆଉ ବିନା ସାହାଯ୍ୟରେ ନ ଚାଲିବ ଏକଥା ମଧ୍ୟ ସତ କି ମିଛ ମନ ମାନୁଥିଲେ ଆଖି ବୁଝୁନଥିଲା କି ଆଖି ବୁଝୁଥିଲେ ମନ ମାନୁନଥିଲା। ପୋଲିଓ ଗୋଡ଼ ଦେଖି କେହି ବିଶ୍ୱାସ କରୁନଥିଲେ ମଧ୍ୟ ଗୋଲାପର ନାଚ ତାକୁ ସଜ ଗୋଲାପଟିଏ ବନେଇ ଦେଇଥିଲା। ସମସ୍ତେ କହୁଥିଲେ- ଜୟ ଜଗନ୍ନାଥ କି ଜୟ। ଅସୀତା ସଜ ଗୋଲାପ ମାଳ ଚଢ଼ାଇ ଦୀପ ବସାଉଥିଲେ ଜଗନ୍ନାଥଙ୍କୁ ଝିଅର ସୁନେଲି ଭବିଷ୍ୟତ ପାଇଁ।

ଏପଟେ ଭିକ୍ଷାବୃତ୍ତି ଆପଣାଇବା ଅପେକ୍ଷା ଅନ୍ୟ କିଛି କରି ପେଟ ପୋଷିବାକୁ ସ୍ଥିର କରି ମାଦଳ ମାଧବ ସେଦିନ ଠାକୁରଙ୍କୁ ମୁଣ୍ଡିଆ ମାରି ଉଠିଲା ବେଳକୁ ସୋମୁ ଓ ତା' ମାଆ କାନ୍ତା ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ। ବାପା ମାଆ ଚାଲିଯିବା ପରେ ଅସହାୟ ହୋଇପଡ଼ିଥିବା ପୋଲିଓ ଗ୍ରସ୍ତ ମାଧବର ଏବେ ସୋମୁ ଓ ତା' ମାଆ ଭାରି ନିଜର। ମାଧବ ଚିନ୍ତାରେ ପିତାମାତା ଦୁହେଁ ଚିନ୍ତିତ ରହି ବାଧିକା ପଡ଼ିଲା ବେଳେ ମାଧବ କାନରେ କହିଦେଇ ଯାଇଥିଲେ କାହା ସଙ୍ଗେ କଳି କରିବୁ ନାହିଁ ପୁଅ। ସେଇ ନୀଳମାଧବଙ୍କୁ ଭରସା କରିବୁ। ସେ ହିଁ ତୋତେ ଆହା କରିବେ, ସାହା ହେବେ ଓ ରାହା ଦେଖେଇବେ। ସତକୁ ସତ ପିତା ମାତାଙ୍କ ଅନ୍ତେ ଭାଇମାନଙ୍କ ସଙ୍ଗେ କଳି କଲା ନାହିଁ ସମ୍ପତ୍ତି ପାଇଁ ମାଧବ। କାରଣ ସେ ଜାଣିଥିଲା, ସମ୍ପତ୍ତି ଅର୍ଥାତ ଜମିନେଇ ସେ ଚାଷବାସ କରିପାରିବ ନାହିଁ। ଦ୍ୱିତୀୟ କଥା ଅନୁଯାୟୀ ମନ୍ଦିରରେ ଭାବ ଭକ୍ତିରେ ବସି ନୀଳମାଧବଙ୍କୁ ଭକ୍ତି କରିବା ଭିତରେ ସୋମୁ ଓ ତା' ମାଆ କାନ୍ତାଙ୍କ ନଜରରେ ପଡ଼େ ମାଧବ। ପ୍ରତିଦିନ ସେମାନେ କିଛିନା କିଛି ଖାଦ୍ୟ ସହ ଶୀତ ଦିନ ପାଇଁ ଶୀତ ବସ୍ତ୍ର ଓ କମଳ ଦେଇଥାନ୍ତି। ଆଖିରୁ ଲୁହ ଦୁଇଟୋପା ଝରାଇ ମାଧବ ନିଜ ଦୁଃଖ ଜଣାଇବା ସହ ସୋନୁ ପାଇଁ ମଧ୍ୟ ଡାକୁଥାଏ ଠାକୁରଙ୍କୁ। କେତେ ଦିନ ତାଙ୍କ ହାତଟେକାରେ ଜୀବନ ଧାରଣ କରିବ ଭାବି ସେ ଅନେକ ସମୟରେ ଭିକ୍ଷା ବୃତ୍ତିକୁ ଆପଣେଇବାକୁ ଯାଇ ପାରିନି। ଆଜି ସେ ସୋନୁ ବାବୁଙ୍କ ହାତରେ ଲାଲ ରକ୍ତର ଗୋଲାପ ଗୁଚ୍ଛ ଦେଖି ଆକର୍ଷିତ ହେଲା। ଜାଣିପାରିଲା ସୋନୁ ବାବୁଙ୍କ ବାଡ଼ିରେ ଏହି ଫୁଲ ଫୁଟୁଛି। ତା' ଆରଦିନ ଛଡ଼ା ଫୁଲ ଭିତରେ ଲାଲ ଗୋଲାପ ଡାଳଗୁଡ଼ିକୁ ନେଇ ସେ ମନ୍ଦିର ଚାରିପଟେ ପୋତିଦେଲା। କଣ୍ଟା ଡାଳ ହୋଇଥିବାରୁ ଛେଳି ଗାଈ କେହି ଗଛକୁ କ୍ଷତି ପହଞ୍ଚାଉ ନଥିବା ବେଳେ କିଛି ଦିନ ପରେ ସେଥିରୁ ଅନେକ ଡାଳ ଶୁଖିଯାଇଥିଲେ ମଧ୍ୟ ଗୋଟିକରୁ ନୂଆଡାଳ ବାହାରି ଗଛ ବଢ଼ିବାକୁ ଲାଗିଲା। ଚାହୁଁ ଚାହୁଁ ଫୁଲ ମଧ୍ୟ ଫୁଟିଲା। କି ଆନନ୍ଦ ମାଧବର ସେଦିନ। ଫୁଲଟିକୁ ତୋଳି ନୀଳମାଧବଙ୍କୁ ଦେଲାବେଳେ ତା' ଭିତରେ ତା' ବାପାମାଆ ଯେମିତି କହୁଥିଲେ ତୁ ବି ଗୋଲାପ ଚାଷ କରିପାରିବୁ। ଭାଇମାନେ ରାଜି ହୋଇଯାଇଥିଲେ, ଜମି ଦେବାକୁ ତ ଗୋଲାପ ବଗିଚାଟିଏ ଅଚିରେ ମୁଣ୍ଡଟେକିଥିଲା ଜମିରେ। ମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଗୋଲାପ କିଣି ଠାକୁରଙ୍କୁ ସମର୍ପିତ କରୁଥିବାରୁ ଦୁଇ ପଇସା ରୋଜଗାର କରିପାରିଲା ମାଧବ।

ଏଣିକି ସୋନୁ ବାବୁଙ୍କ ପରିବାରଙ୍କର ସାହାଯ୍ୟ ସହଯୋଗରେ ତାଙ୍କ ଗାଡ଼ିରେ ଗୋଲାପ ଗୁଚ୍ଛ କରି ସହରକୁ ନେଇ ଯାଉଥିଲା ମାଧବ। ଖୁବ୍ ଚାହିଦା ଥିଲା ମାଧବ ଭାଇର ରକ୍ତ ଗୋଲାପ ତୋଡ଼ାର। ତ ମାଧବ ଭାବୁଥିଲା ତା' ନିଜର ଯଦି ଦୋକାନଟିଏ ଥାଆନ୍ତା ତେବେ ସେ ଆଉ ସୋନୁ ବାବୁଙ୍କୁ ବା ତାଙ୍କ ପରିବାରର ନିର୍ଭରଶୀଳ ନହୋଇ, ସହରରେ ଦୋକାନ ଖଣ୍ଡେ କରିପାରନ୍ତା। ଏଥର କାନ୍ତା ତାକୁ କହିଥିଲେ, ବ୍ୟାଙ୍କ ଲୋନ ପାଇଁ ଆବେଦନ କରିବାକୁ। ନିଜେ ପୋଲିଓ ରୋଗୀ ହୋଇଥିବାରୁ ଏଣିକି ଦୌଡ଼ଧାପଡ଼ କରିପାରୁନଥିଲା ମାଧବ। ସହଜେ ଶିକ୍ଷା ଅଭାବରୁ ତାର ଯୋଗ୍ୟତା ନାହିଁ କହି ଲୋନ ଖାରଜ ହୋଇଯାଇଥିଲା। ବେଳକୁ ବେଳ ବୟସ ବଢୁଥିବାରୁ ସେ ଆଉ ଗୋଲାପ ଚାଷ କରିବାକୁ ପାରୁନଥିବା ବେଳେ ଶୁଣିଲା ତାକୁ ଭତ୍ତା ମିଳିବ। କେବେ ବିଡିଓ କେବେ କଲେକ୍ଟରଙ୍କ ପାଖକୁ ଯାଇ ଯାଇ ସେ ହତାସ ହେଉଥିବା ବେଳେ, ସେମାନଙ୍କ ପ୍ରତିଶ୍ରୁତି ତାକୁ ମିଛ ଭଳି ଲାଗୁଥିଲା। ସେମାନେ ପ୍ରତ୍ୟେକ ଥର ତାକୁ ଆଶା ଆଶ୍ୱାସନା ଦେଇ ଭତ୍ତା ହୋଇଯିବ ବୋଲି କହୁଥିଲେ, ହେଲେ ତା' ନାମ ଭତ୍ତା ତାଲିକାରେ କାହିଁକି ନଥିଲା ସେ ବୁଝିପାରୁନଥିଲା। ହତାସ ଓ ନିରାଶ ନହୋଇ ଏବଂ ସରକାରୀ ସୁବିଧା ପାଇବାକୁ ପାଦରେ ଏଡେଇ ସେ ପୁଣି ଗୋଲାପ ଚାଷ କଲା। ମନ୍ଦିର ସାମ୍ନାରେ ବସି ଗୋଲାପ ବିକୁଥିଲା ବେଳେ କେତେ କିଏ ଭକ୍ତ କିଣିନେଉଥିଲେ ଲାଲ ରକ୍ତର ଗୋଲାପ। ସେଦିନ ମଧ୍ୟ ଜଣେ ବାବୁ ଯେବେ ତା' ଦୋକାନରୁ ଲାଲ୍ ଗୋଲାପ କିଣିନେଇ ତାକୁ ପଚାରିଲେ ତୁମେ ଭତ୍ତା ପାଉଛ ତ? ସେ କାନ୍ଦି ପକାଇ କହିଥିଲା- ଏବେ ବଡ଼ବାବୁମାନଙ୍କ କଲମ ଗାରରେ ଆଉ ପୁଣ୍ୟ ତରାଜୁ ନାହିଁ ବାବୁ। ଦୁର୍ନୀତି ଓ ଲାଞ୍ଚ ପରି ପାପ ପଶିଯାଇଛି ସେଥିରେ। ମୋ ଲେଙ୍ଗଡା ଗୋଡ଼ ନେଇ କେତେ ଆଉ ଦଉଡି ଥାଆନ୍ତି ବ୍ଲକ ଅଫିସରୁ କଲେକ୍ଟର ଅଫିସ ଯାଏଁ? ସହଜେ ଗୋଲାପ ଫୁଲ ବିକ୍ରି କରି କେତେ ପଇସା ପାଇବି ଯେ ନିଜେ ଚଳି ଦୁର୍ନୀତିର ପେଟ ପୋଷିବି ? ବାବୁ କ'ଣ ବୁଝିଲେ କେଜାଣି ତା' ନାମ ଓ ଗ୍ରାମ ଟିପିନେଲେ। ଆଉ ଏଥର ତାଙ୍କ ଗାଁ ସ୍କୁଲରେ ଯେବେ ଭତ୍ତା ବଣ୍ଟନ ହେଉଥିଲା, ଏଥର ମାଧବର ନାମ ଥିଲା। ତା' ପାଳି ଆସିବା ବେଳକୁ ସେ ଭତ୍ତା ନେବାବେଳେ ସେହି ଚେହେରାଙ୍କୁ ମନେପକେଇ ଦେଖୁଥିଲା ତାଙ୍କ ଫଟୋ ମରା ବ୍ୟାନର ଟଙ୍ଗା ଯାଇଛି। ସମସ୍ତେ କହୁଥିଲେ ନୂଆ କଲେକ୍ଟର୍ ବାବୁ ଭାରି ଦୟାପରାୟଣ। ତାଙ୍କ କଲମମୁନରେ ପ୍ରକୃତ ଗରିବ ଭତ୍ତା ପାଇଥାନ୍ତି। ମାଧବ ଭତ୍ତା ନେଇ ସେଠିକୁ ଗଲା। ତାଙ୍କୁ ଚାହିଁ ରହିଲା ଏକଲୟରେ। ଫଟୋରେ ନୀଳ ମାଧବଙ୍କ ରୂପ ପ୍ରତୀୟମାନ ହେଉଥିଲା। ସେ ସେହି ବ୍ୟାନର୍ ତଳେ, ଲାଲ ରକ୍ତ ଗୋଲାପଟିଏ ରଖି ଲୁହ ନିଗାଡିଚାଲିଥିଲା ବେଳେ ପଛରେ ସୋମୁ ଓ ମାଆ କାନ୍ତା ତା' କାନ୍ଧରେ ହାତ ରଖିଥିଲେ। ଡିସେମ୍ବର ମାସ ଶୀତରେ ମଧ୍ୟ ମାଧବ ବିଶ୍ୱାସର ଉଷ୍ମ ଅନୁଭବ କରୁଥିଲା।

ବାପା ଜଣେ ଶିକ୍ଷକ ଥିଲେ। ସେ ସୋମୁକୁ ବୁଝାଇଦେଲେ, ସ୍କୁଲରେ ବିଷୟ ବିତ୍ତିକ ପାଠ୍ୟ ପୁସ୍ତକ ଯଥା ଗଣିତ, ବିଜ୍ଞାନ,ସାହିତ୍ୟ, ଭୂଗୋଳ, ଇତିହାସ, ଇଂରାଜୀ, ସଂସ୍କୃତ, ହିନ୍ଦି ଆଦି ବିଷୟ ପଢ଼ାଇବା ଭିତରେ ପିଲାଙ୍କ ଉପଯୋଗୀ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ପାଳନ କରାଯାଏ। ପ୍ରତ୍ୟେକ ବିଷୟରେ ଦକ୍ଷତା ହାସଲ କରିଥିବା ସମସ୍ତ ଜନନାୟକଙ୍କ ଜନ୍ମଦିବସ ପାଳନ କଲେ ପାଠ ସରିପାରିବନି। ସେସବୁ ଜୟନ୍ତୀ ପିଲାମାନେ ବଡ଼ ହେଲାପରେ ପାଳନ କରିବେ। ଯେମିତି ତୋ ମାଆ ଓ ମୁଁ ତଥା ଅନେକ କବି ଲେଖକ ଓ ସାହିତ୍ୟିକ ଆଜି ତାଙ୍କ ଜନ୍ମ ଜୟନ୍ତୀ ପାଳନ କରି ତାଙ୍କ ନୀତିଆଦର୍ଶକୁ ନିଜ ଜୀବନରେ ସାମିଲ କରିବାକୁ ଚେଷ୍ଟା କରୁଛନ୍ତି। ବୁଝିଗଲା ସୋମୁ। ଦଉଡ଼ିଯାଇ ବାଡ଼ିରୁ ଲାଲ ରକ୍ତଗୋଲାପ ଆଣି କାନ୍ତ କବିଙ୍କୁ ଶ୍ରଦ୍ଧା ସୁମନ ଦେଉଥିଲା ବେଳେ ମାଧବ କାକା ଗାଉଥିଲେ 'ସବୁଥିରୁ ବଞ୍ଚିତ କରି...' ଭଜନଟିକୁ ଆଉ କବି, କବୟିତ୍ରୀ ତଥା ସାହିତ୍ୟିକମାନେ ଉତ୍କଳର ସମ୍ମାନ ପାଇଁ କାନ୍ତକବି ଲେଖିଥିବା ଜାତୀୟ ସଂଗୀତଟିକୁ 'ବନ୍ଦେ ଉତ୍କଳ ଜନନୀ ବନ୍ଦେ ଉତ୍କଳ ଜନନୀ...' ସୋମୁ କହୁଥିଲା ଏହି ଦେଶାତ୍ମକ ଗୀତଟି ଆମେ ଜାତୀୟ ପତାକା ତଳେ ଗାଉ। ଏହାକୁ ଦୁଇ ହଜାର କୋଡ଼ିଏ ମସିହାରେ ଜାତୀୟ ସ୍ୱୀକୃତି ମିଳିଛି ବୋଲି ସାର କହୁଥିଲେ। ମାଧବ କାକା ଉଠିଆସି ତାଳି ଭିତରେ, ସଜ ଲାଲ ରକ୍ତଗୋଲାପର ତୋଡ଼ା ଶ୍ରଦ୍ଧା ସୁମନ ଦେଉଥିଲେ। ତା' ପର ଦିନ ଗୋଲାପ ଦେବୀ ନିଜ ପିତାମାତା ଓ ଅସତା ଦେବୀଙ୍କ ସହ ନୀଳମାଧବଙ୍କ ମନ୍ଦିର ଆସି ମାଧବଙ୍କଠାରୁ ରକ୍ତ ଗୋଲାପ ଗୁଚ୍ଛ କିଣି ଠାକୁରଙ୍କୁ ଚଢ଼ାଇବା ସହ ମାଧବ ବିଷୟରେ ସବୁ ଜାଣି ଦୁଇପରିବାର ଭିତରେ କଥା ବାର୍ତ୍ତା ହୋଇ ଗୋଲାପ ଓ ମାଧବଙ୍କ ବାହାଘର ହୋଇଥିଲା। ଏବେ ଗୋଲାପ ଦେବଦାସୀରୁ ମାଧବଙ୍କର ସହଧର୍ମିଣୀ ବା ସହକର୍ମିଣୀ ଅର୍ଥାତ ହାଉସ୍‌ୱାଇଫ୍ ଅଟନ୍ତି।

*ସାକ୍ଷୀଗୋପାଳ, ପୁରୀ*

# ଫ୍ଲୋରାଲ୍ ଜ୍ୟାକେଟ୍



**ଫ୍ଲୋରାଲ୍ ଜ୍ୟାକେଟ୍ ଏମିତି ଏକ ଆଉଟ୍‌ଫିଟ୍; ଯାହା ଶୀତଦିନେ ଆକର୍ଷଣୀୟ ଲୁକ୍ ଦେବା ସହିତ ଶୀତ ଦାଉରୁ ମଧ୍ୟ ସୁରକ୍ଷା ଦେଇଥାଏ। ସେଥିପାଇଁ ଏହାର ଚାହିଦା ଖୁବ୍ ରହିଥାଏ...**

ଫ୍ଲୋରାଲ୍ ଜ୍ୟାକେଟ୍ ଏମିତି ଏକ ଆଉଟ୍‌ଫିଟ୍; ଯାହା ସବୁ ପ୍ରକାରର ଲୁକ୍‌କୁ ଖୁବ୍ ସୁନ୍ଦର ମାନିଥାଏ। ତେଣିକି ସେ ପାର୍ଟି ଲୁକ୍ ହେଉ ଅଥବା ଅଫିସ୍ ଲୁକ୍। ସେଥିପାଇଁ ଫ୍ଲୋରାଲ୍ ଜ୍ୟାକେଟ୍‌କୁ ଭର୍ସାଟାଇଲ୍ ପିସ୍ ବୋଲି ବି କୁହାଯାଏ; ଯାହା ଯୁବତୀଙ୍କୁ ରିଫ୍ରେସିଂ ଲୁକ୍ ଦେଇଥାଏ। ତେବେ ପରଫେକ୍ଟ ଲୁକ୍ ପାଇଁ ଏହି ଫ୍ଲୋରାଲ୍ ଜ୍ୟାକେଟ୍‌କୁ ସଠିକ୍ ଭାବେ ଷ୍ଟାଇଲ୍ କରିବା ବି ନିହାତି ଜରୁରୀ; ଜାଣନ୍ତୁ ସେ ନେଇ କିଛି ଟିପ୍ସ...

* ବାକି ଆଉଟ୍‌ଫିଟ୍‌କୁ ସିମ୍ପଲ ରଖିବେ: ଯେହେତୁ ଫ୍ଲୋରାଲ୍ ଜ୍ୟାକେଟ୍ ଲୁକ୍‌କୁ ଇନ୍‌ଷ୍ଟାଣ୍ଟ ଚେଞ୍ଜ୍ କରିଥାଏ; ତେଣୁ ଏ କ୍ଷେତ୍ରରେ ବାକି ଆଉଟ୍‌ଫିଟ୍‌କୁ ବାଲାନ୍ସ କରି ପିନ୍ଧିବା ନିହାତି ଜରୁରୀ ହୋଇଥାଏ। ଉଦାହରଣ ସ୍ୱରୂପ, ପ୍ଲେନ୍ ହ୍ୱାଇଟ୍ ଅଥବା ବ୍ଲାକ୍ ଟପ୍ସ କିମ୍ବା ଶାର୍ଟ ସାଙ୍ଗକୁ ଫିଟେଡ୍ ଟ୍ରାଉଜର୍ କିମ୍ବା ସିମ୍ପଲ୍ ପେନ୍‌ସିଲ୍ ସ୍କର୍ଟକୁ ପେୟାର୍ କରି ତା'ସାଙ୍ଗରେ ଫ୍ଲୋରାଲ୍ ଜ୍ୟାକେଟ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଧ୍ୟାନଦେବେ ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କଲାବେଳେ ଦେଖିବେ ଆପଣଙ୍କ ବେସ୍ ଆଉଟ୍‌ଫିଟ୍ ଯେମିତି ହ୍ୱାଇଟ୍, ବେଜ୍ ଅଥବା ଗ୍ରେ ଭଳି ନ୍ୟୁଟ୍ରାଲ୍ କଲର୍‌ର ହୋଇଥିବ।

* ଜିନ୍ସ ସହିତ ପେୟାର୍: ଯୁବତୀ ଚାହିଁଲେ ଜିନ୍ସ ସାଙ୍ଗରେ ଫ୍ଲୋରାଲ୍ ଜ୍ୟାକେଟ୍‌କୁ ମଧ୍ୟ ଟ୍ରାଏ କରିପାରିବେ; ଏହା ସେମାନଙ୍କୁ କାଜୁଆଲ୍ ତଥା ରିଲାକ୍ସଡ୍ ଲୁକ୍ ଦେଇଥାଏ। ଡେନିମ୍ ଜିନ୍ସ ସାଙ୍ଗକୁ ଫ୍ଲୋରାଲ୍ ଜ୍ୟାକେଟ୍ ପିନ୍ଧିଲେ ଷ୍ଟନିଂ ଲୁକ୍ ମିଳେ। ଖାସ୍‌କରି ସ୍କିନ୍ ଫିଟିଙ୍ଗ୍ ଜିନ୍ସ ଅଥବା ଷ୍ଟ୍ରେଟ୍ ଲେଗ୍ ଜିନ୍ସ ସାଙ୍ଗକୁ ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ। ଏହାକୁ ସିମ୍ପଲ୍ ଟପ୍ସ ଅଥବା ଫିଟେଡ୍ ଟି-ଶାର୍ଟ ସହ ମଧ୍ୟ ପିନ୍ଧାଯାଇପାରେ।

* ଫିଟିଂକୁ ଧ୍ୟାନ ଦେବେ : ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କଲାବେଳେ ଏହାର ଫିଟିଂକୁ ଧ୍ୟାନ ଦେବା ନିହାତି ଜରୁରୀ। ଢିଲାଢାଲା ଜ୍ୟାକେଟ୍ ନ ପିନ୍ଧି ଶରୀରକୁ ଭଲ ଫିଟିଂ ହେଲା ଭଳିଆ ଜ୍ୟାକେଟ୍ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ ।

* ସଠିକ ଆସେସରିଜ୍ ବାଛିବେ: ଫ୍ଲୋରାଲ୍ ଜ୍ୟାକେଟ ସାଙ୍ଗକୁ ଯେତେ କମ୍ ଆଉ ସିମ୍ପଲ ଆସେସରିଜ୍ ଟ୍ରାଏ କରିବେ ସେତେ ଭଲ। ଏହି ଆଉଟ୍‌ଫିଟ୍‌ରେ ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ଯୁବତୀ ଚାହିଁଲେ ଷ୍ଟଡ୍ ଇୟର ରିଂ ସାଙ୍ଗକୁ ସିମ୍ପଲ୍ ପେଣ୍ଡେଣ୍ଟ ଏବଂ ହାତରେ କ୍ଲାସିକ୍ ୱାଚ୍ ମଧ୍ୟ ପିନ୍ଧିପାରିବେ।

## କିଛି ଜାଣିବା କଥା

– କେବଳ ଜିନ୍ସ ଟପ୍ସ କାହିଁକି ଯୁବତୀ ଚାହିଁଲେ ମ୍ୟାକ୍ସି ଡ୍ରେସ୍, ଟ୍ରାଉଜର୍ ଟପ୍ସ, ପ୍ଲାଜୋ ଟପ୍ସ ସହିତ ବି ଫ୍ଲୋରାଲ୍ ଜ୍ୟାକେଟ୍‌କୁ ଆରାମରେ କ୍ୟାରି କରିପାରିବେ। ଯାହାବି ପିନ୍ଧନ୍ତୁ ନା କାହିଁକି ସବୁବେଳେ ଧ୍ୟାନ ଦେବେ ଆଉଟ୍‌ଫିଟ୍‌ର କଲର୍ ଯେମିତି ଫ୍ଲୋରାଲ୍ ଜ୍ୟାକେଟ୍ ତୁଳନାରେ ହେଭି ଦେଖା ଯାଉ ନଥିବ। ଏହା ଯେତେ ସିମ୍ପଲ ରହିବ ସେତେ ଭଲ।

– ବ୍ଲାକ୍ ସ୍ଲିକେନ୍ ଡ୍ରେସ୍ ହେଉ ଅଥବା ଟପ୍ସ ସାଙ୍ଗକୁ ମଧ୍ୟ ଫ୍ଲୋରାଲ୍ ଜ୍ୟାକେଟ୍ ଟ୍ରାଏ କରିପାରିବେ। ଏହା ପାର୍ଟି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ।



## ଛୁଆଙ୍କୁ ଚଲାନ୍ତୁ ଖାଲି ପାଦରେ...

ଅନେକ ମହିଳା ନିଜ ଛୋଟଛୁଆଙ୍କ ପାଦରେ ଧୂଳି ଲାଗିବାକୁ ଦେଇ ନଥାନ୍ତି। ପିଲାଟି ଯେପରି ତଳେ ନ ଚାଲେ ତା' ପାଦକୁ ସୁରକ୍ଷିତ ରଖିବାକୁ ସବୁବେଳେ ଚପଲଟିଏ ପିନ୍ଧାଇ ଦେଇଥାନ୍ତି। ହେଲେ ଜାଣିଛନ୍ତି, ଏପରି କରିବା ଭୁଲ ବୋଲି ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଗାଁ ଗହଳିରେ ଅଧିକାଂଶ ଶିଶୁ ଖାଲି ପାଦରେ ଚାଲନ୍ତି। ଖେଳକୁଦ କରନ୍ତି। ହେଲେ ସହରୀ ପିଲାଏ ପାଦରେ ଜୋତା, ଚପଲ ବହୁଳ ମାତ୍ରାରେ ବ୍ୟବହାର କରନ୍ତି। ଗବେଷଣା କହେ ଏଭଳି ତାରତମ୍ୟ ଥିବାରୁ ଗାଁ ପିଲାମାନଙ୍କ ଖେଳୁଆଡ଼ ମନୋଭାବ ଓ ସନ୍ତୁଳନ କ୍ଷମତା ସହରୀ ପିଲାମାନଙ୍କଠାରୁ ଅଧିକ।

ଜର୍ମାନୀର ଜେନା ୟୁନିଭର୍ସିଟିର ପ୍ରଫେସର ଆସ୍ଟ୍ରିଡ ଜାଟଙ୍କ ମତରେ ଶୈଶବ ଏବଂ କିଶୋର ଅବସ୍ଥାରେ ଖାଲି ପାଦରେ ଚାଲିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହୋଇଥାଏ ଏବଂ କିଛି ପିନ୍ଧି ଚାଲିଲେ ଶାରୀରିକ ପ୍ରଗତି ପ୍ରଭାବିତ ହୋଇଥାଏ। ଏହି ଗବେଷଣା ସନ୍ଦର୍ଭଟି 'ଫ୍ରଣ୍ଟିୟର୍ସ ଇନ ପେଡିଆଟ୍ରିକ' ଜର୍ଣ୍ଣାଲରେ ପ୍ରକାଶ ପାଇଛି। ଗବେଷଣାରେ ଦକ୍ଷିଣ ଆଫ୍ରିକାର ଗ୍ରାମ୍ୟ ତଥା ଉତ୍ତର ଜର୍ମାନୀର ୬ରୁ ୧୮ ବର୍ଷ ବୟସରେ ୮୧୦ ସହରୀ ପିଲାଙ୍କୁ ସାମିଲ କରାଯାଇଥିଲା।

ଖାଲିପାଦରେ ଚାଲିବା ଯୋଗୁ ଶରୀରର ଗଠନ ପ୍ରଣାଳୀ ଠିକ୍ ରହିଥାଏ। ଅଣ୍ଟା ସମସ୍ୟା ଦୂର ହେବା ସହ ହାଡ଼ ଶକ୍ତ ହୋଇଥାଏ। ପାଦରେ ହେଉଥିବା ଯନ୍ତ୍ରଣା ଦୂର ହୋଇଥାଏ। ରକ୍ତ ସଞ୍ଚାଳନ ଠିକ୍ ରହିବା ଯୋଗୁଁ ପାଦ ତଳ ମଜଭୁତ ରହେ। ଚିନ୍ତା ଦୂର ହେବା ସହ ମନକୁ ଶାନ୍ତି ମିଳିଥାଏ।

# ଶୀତବସ୍ତ୍ରର କାହାଣୀ

**ଶୀତଦିନ ଆସିଲେ ଖୋଜାପଡ଼େ ଶୀତ ବସ୍ତ୍ର। ତେବେ କେବେ ଭାବିଛନ୍ତି କି ହାଡ଼ଭଙ୍ଗା ଶୀତରୁ ରକ୍ଷା କରୁଥିବା ଉଲ୍‌ର ଏହି ଶୀତବସ୍ତ୍ର କେବେଠୁ ପିନ୍ଧାଯାଉଛି ? ଏହାର ଇତିହାସ କ'ଣ ? ଜାଣନ୍ତୁ ସେ ସମ୍ପର୍କରେ...**



ଉଲ୍‌ର ଇତିହାସ ବହୁ ପୁରାତନ ଓ କୌତୂହଳମୟ ମଧ୍ୟ। ବେଦରେ ଧାର୍ମିକ କର୍ମକାଣ୍ଡରେ ଉଲ୍ ବସ୍ତ୍ରର ଉଲ୍ଲେଖ ରହିଛି। ଋକ ବେଦରେ ମେଷପାଳକଙ୍କ ଦେବତା ପଶ୍ମଙ୍କ ସ୍ତୁତିର ବର୍ଣ୍ଣନା ଅଛି। ତା'ସହ ଉଲ୍ କାଟିବାର ଉଲ୍ଲେଖ ବି ରହିଛି। ବିଶ୍ୱାସ କରାଯାଏ ଯେବେ ଜଙ୍ଗଲ କାଟିବା ଆରମ୍ଭ ହେଲା ବସତି ବସିବାକୁ ଲାଗିଲା, ଦୁଗ୍ଧ ଓ ମାଂସ ଲାଗି ଛେଳି ମେଣ୍ଢା ପାଳନ ହେବାକୁ ଲାଗିଲା। ଏହାପରେ ହିଁ ମଣିଷ ମୁଣ୍ଡକୁ ଉଲ୍ ତିଆରି ଯୋଜନା ଆସିଥାଇପାରେ। ଆଉ ଉଲ୍ ଶୀତବସ୍ତ୍ର ତିଆରି ହୋଇଥାଇପାରେ। ମିଶର, ବେବିଲୋନର କବରରେ ବି ଉଲ୍‌ର ବସ୍ତ୍ର ମିଳିଛି।

ଇତିହାସରୁ ଜଣାପଡ଼େ ରୋମ ଆକ୍ରମଣ ପୂର୍ବରୁ ବ୍ରିଟେନ୍‌ର ଲୋକେ ଉଲ ବସ୍ତ୍ର ପରିଧାନ କରୁଥିଲେ। ୧୭୮୮ରେ ଆମେରିକାର ହାର୍ଟଫୋର୍ଡରେ ପାଣିରେ ଚାଲୁଥିବା ଉଲ୍ ଫ୍ୟାକ୍ଟରୀ ଆରମ୍ଭ ହୋଇଥିଲା। ସେତେବେଳେ ଉଲ୍‌କୁ କେରାଟିନ୍ ନାମକ ପ୍ରୋଟିନ୍‌ରେ ତିଆରି କରାଯାଉଥିଲା। ଏହା ହେଉଛି ସେହି ପ୍ରୋଟିନ୍, ଯେଉଁଥିରେ ଆମର କେଶ, ନଖ ଏବଂ ଚଢ଼େଇଙ୍କ ପର ଓ ଜୀବଜନ୍ତୁଙ୍କ ଶିଙ୍ଗ ତିଆରି ହୋଇଥାଏ। ତେବେ ସ୍ୱେଟର୍‌ର ଉତ୍ପତ୍ତି ଊନବିଂଶ ଶତାବ୍ଦୀରେ ହୋଇଥିବା ଅନୁମାନ କରାଯାଏ। ଯେବେ ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡର ମାଛଧରାଳିମାନେ ଖୋଲା ସମୁଦ୍ରରେ ଗରମ ରହିବା ଲାଗି ସ୍ୱେଟର୍ ପିନ୍ଧିବା ଆରମ୍ଭ କରିଥିଲେ। ସେ ସମୟରେ ସ୍ୱେଟର୍‌କୁ ମୋଟା ଓ ଓଜନିଆ ଉଲ୍‌ରେ ତିଆରି କରାଯାଉଥିଲା। ଯେଉଁଥିରେ ଜଟିଳ ପାଟର୍ନ କରାଯାଉଥିଲା। ଉଲ୍‌କୁ ୱାଟରପ୍ରୁଫ୍ କରିବା ଲାଗି ତେଲରେ ଉପଚାର କରାଯାଉଥିଲା, ଯାହାକି ମାଛଧରାଳିଙ୍କ ପାଇଁ ବେଶ୍ ସହାୟକ ହେଉଥିଲା।





ବିଂଶ ଶତାବ୍ଦୀ ବେଳକୁ ସ୍ୱେଟର୍ ଉଭୟ ପୁରୁଷ ଓ ମହିଳାଙ୍କ ଲୋକପ୍ରିୟ ପରିଧାନ ପାଲଟିଯାଇଥିଲା। ତେବେ ଏହାକୁ ଖାସ୍‌କରି ଗଲ୍ଫ ଅବା ଟେନିସ୍ ଖେଳିବା ସମୟରେ ପିନ୍ଧିବା ଲାଗି ତିଆରି ହେଉଥିଲା। ହଲିଉଡ୍ ଫିଲ୍ମରେ ବ୍ୟବହାର ହେବାପରେ ଏହାର କାଜୁଆଲ୍ ବ୍ୟବହାର ଲୋକପ୍ରିୟ ହେଲା। ୧୯୩୦ ଦଶକ ବେଳକୁ ଫ୍ରେଡ ଆଷ୍ଟାୟର ଓ ଜିଞ୍ଜର ରୋଜର୍ସ ପରି ତାରକା ଭି ନେକ୍ ସ୍ୱେଟର ପିନ୍ଧିବା ପରେ ଏହି ଡିଜାଇନ୍‌ର ସ୍ୱେଟର୍ ଲୋକପ୍ରିୟ ହେବାକୁ ଲାଗିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବି ସ୍ୱେଟର୍‌ର ପ୍ରମୁଖ ଭୂମିକା ରହିଥିଲା। କାରଣ ସେତେବେଳେ ସୈନିକମାନଙ୍କ ୟୁନିଫର୍ମର ଏକ ଅଂଶ ହୋଇଥିଲା ସ୍ୱେଟର। ଧୀରେ ଧୀରେ ଏହା ଲୋକପ୍ରିୟ ହେବାକୁ ଲାଗିଲା। ଆଉ ଏହାକୁ ଅନଔପଚାରିକ ଭାବେ ମଧ୍ୟ ବ୍ୟବହାର ହେବାକୁ ଲାଗିଲା। ୧୯୫୦-୬୦ ବେଳକୁ ସ୍ୱେଟର୍ ଆଇଭି ଲିଗ୍ (ଏକ ଆଥଲେଟିକ ସମ୍ମେଳନ ଯେଉଁଥିରେ ପୂର୍ବତନ ସଂଯୁକ୍ତ ରାଜ୍ୟ ଆମେରିକାର ଉଚ୍ଚ ଶିକ୍ଷାର ଆଠୋଟି ସଂସ୍ଥା ସାମିଲ) ଲୁକ୍‌ର ଏକ ଅଭିନ୍ନ ଅଙ୍ଗ ପାଲଟିଗଲା। ଫଳରେ ଅନେକ ଯୁବକ ନିଜ ୱାର୍ଡରୋବରେ କାର୍ଡିଗନ୍ ଓ ଭି ନେକ୍ ସ୍ୱେଟର ରଖିବାକୁ ଲାଗିଲେ। ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରୀରେ ୧୮୮୨ ମସିହାରେ ସ୍ୱେଟର୍ ଶବ୍ଦ ସାମିଲ ହେଲା।

## କେଶ ପାଚିବା ଓ ନିରାକରଣ

କମ୍ ବୟସରେ କେଶ ପାଚିବା ସମସ୍ତଙ୍କ ପାଇଁ ଏକ ସମସ୍ୟାରେ ପରିଣତ ହୋଇଛି। ୧୦ ବର୍ଷ ବୟସର ପିଲାର ମଧ୍ୟ କେଶ ପାଚିଥିବାର ଆପଣ ଦେଖିଥିବେ। କେତେ ଜଣଙ୍କ ପାଇଁ ତାଙ୍କ ଧଳା କେଶ ଏକ ଫ୍ୟାସନ୍‌ରେ ପରିଣତ ହୋଇଛି। ଏହି ଧଳା କେଶକୁ ନେଇ ଗୁଗୁଲ ଟ୍ରେଣ୍ଡ ଏକ ଗବେଷଣା କରିଥିଲା। ସେଥିରୁ ଜଣାପଡ଼ିଛି ୧୦ ବର୍ଷ ଧରି ଗୁଗୁଲ 'ଗ୍ରେ ହେୟାର' ବା 'ଧଳା କେଶ' ସର୍ଚ୍ଚ କରୁଥିବା ଲୋକଙ୍କ ସଂଖ୍ୟା ବହୁତ ବଢ଼ିଛି।

କମ୍ ବୟସରେ କେଶ ପାଚିବା ଏକ ରୋଗ। ଡାକ୍ତରୀ ଭାଷାରେ ଏହାକୁ 'କେନାଇଟିସ' କୁହାଯାଏ। ଇଣ୍ଡିଆନ୍ ଜର୍ଣ୍ଣାଲ ଅଫ୍ ଡର୍ମୋଟୋଲୋଜିରେ ଏକ ଗବେଷଣା ଅନୁସାରେ ଭାରତର 'କେନାଇଟିସ୍ ରୋଗ ପାଇଁ ୨୦ ବର୍ଷ ବୟସକୁ ସୀମା ଭାବେ ଗ୍ରହଣ କରାଯାଇଛି। ଭାରତରେ ଯେଉଁ ବ୍ୟକ୍ତିଙ୍କର ୨୦ ବର୍ଷ କିମ୍ବା ତା' ପୂର୍ବରୁ କେଶ ଧଳା ହେବା ଆରମ୍ଭ କରେ, ସେ 'କେନାଇଟିସ୍' ରୋଗର ଶିକାର ହୋଇଛି ବୋଲି କୁହାଯିବ।

କେନାଇଟିସ ରୋଗ ହେଲେ ଶରୀରରେ କେଶର ରଙ୍ଗ ନିର୍ଣ୍ଣୟ କରୁଥିବା କୋଷରେ ସମସ୍ୟା ଦେଖା ଦେଇଥାଏ। ଯେଉଁ କାରଣରୁ କେଶ ଅଧିକ ଧଳା ହେବାକୁ ଲାଗିଥାଏ। କମ୍ ବୟସରେ କେଶ ପାଚିବା ବଂଶଗତ କିମ୍ବା ଖାଦ୍ୟରେ ପ୍ରୋଟିନ୍ କିମ୍ବା କପର ଅଭାବ କିମ୍ବା ହରମୋନ୍‌ରେ ଅସନ୍ତୁଳନ ଯୋଗୁ ହୋଇଥାଏ। ଏହା ବ୍ୟତୀତ ଶରୀରରେ ହିମୋଗ୍ଲୋବିନ କମ୍ ହେବା, ଏନିମିଆ ଏବଂ ଥାଇରଏଡ୍ ସମସ୍ୟାରୁ ମଧ୍ୟ କେଶ ପାଚିଥାଏ। ୟୁରୋପରେ ରହୁଥିବା ଲୋକଙ୍କର ୨୦ ବର୍ଷ ବୟସରୁ କେଶ ପାଚିବା ଏକ ସାଧାରଣ କଥା। ପ୍ରଫେସର ଟୋବିନ ସ୍କିନ ଏବଂ ହେୟାର ପିଗମେଣ୍ଟର ଜଣେ ସ୍ପେଶାଲିଷ୍ଟ। ଅଲଗା ଅଲଗା ଜିନର ଲୋକଙ୍କର ଅଲଗା ଅଲଗା ସମୟରେ କେଶ ପାଚିବା ଆରମ୍ଭ ହୋଇଥାଏ। ଆଫ୍ରିକା ଓ ପୂର୍ବ ଏସିଆରେ ଥିବା ଲୋକଙ୍କର ୧ ବର୍ଷ ବୟସରୁ ହିଁ କେଶ ପାଚିବା ଆରମ୍ଭ ହୋଇଥାଏ।

ଭାରତର ଲୋକଙ୍କର ୪୦ ବର୍ଷ ପରେ କେଶ ପାଚିବା ଆରମ୍ଭ ହୋଇଥାଏ। ତେବେ ଏହାକୁ ଏକ ରୋଗ କୁହାଯାଏ ନାହିଁ। କେହି କେହି କେଶ ପାଚିବାକୁ ସ୍ୱୀକାର କରିନଥାନ୍ତି ଏବଂ ଏହାକୁ ଲୁଚାଇବା ପାଇଁ ଚେଷ୍ଟା କରିଥାନ୍ତି। ଅନ୍ୟ କେହି ତାଙ୍କର ଧଳା କେଶକୁ ଷ୍ଟାଇଲିଶ ବା ଫ୍ୟାଶନ୍ ଭାବେ ଗ୍ରହଣ କରିଥାନ୍ତି। ଧଳା କେଶକୁ ଲୁଚାଇବା ପାଇଁ ଲୋକ ହେୟାର କଲର୍ ବ୍ୟବହାର କରିଥାନ୍ତି। କିଛି ସମୟ ପାଇଁ ଏହା ଲୁଚିଯାଏ। ମାତ୍ର ଏହା କେଶ ଉପରେ ପ୍ରଭାବ ପକାଇଥାଏ। ଦୁନିଆରେ ପାଖାପାଖି ୫ ଓ ୧୦ ପ୍ରତିଶତ ଲୋକ 'କେନାଇଟିସ୍' ରୋଗରେ ପୀଡ଼ିତ। କେଶ ପାଚିବା ସମସ୍ୟାରୁ ରକ୍ଷା ପାଇବା ସହଜ ନୁହେଁ। ଥରେ କେଶ ପାଚିବା ଆରମ୍ଭ ହେଲେ ଧଳା କେଶକୁ କଳା କରିବା ଯେତିକି କଷ୍ଟ ତା'ଠାରୁ ଅଧିକ ବଳକା ଥିବା କଳା କେଶକୁ ପାଚିବାରୁ ରୋକିବା। କେନାଇଟିସ ରୋଗର ଔଷଧ ଏବଂ ଶାମ୍ପୋ ବଜାରରେ ମିଳୁଛି। କିନ୍ତୁ ଏଥିରେ କେବଳ ୨୦ରୁ ୩୦ ପ୍ରତିଶତ ସଫଳତା ମିଳିପାରୁଛି।

କମ୍ ବୟସରେ ଜଣଙ୍କର କେଶ ପାଚିବା ସମସ୍ୟାକୁ ରୋକିବା ପାଇଁ ଖାଦ୍ୟ ଓ ପାନୀୟରେ ପ୍ରଥମରୁ ଧ୍ୟାନ ଦେବା ଜରୁରୀ। ଖାଦ୍ୟରେ ବାୟୋଟିନ (ଭିଟାମିନ୍) ବ୍ୟବହାର ସହିତ କେଶରେ କୌଣସି ପ୍ରକାରର କେମିକାଲ ଲଗାନ୍ତୁ ନାହିଁ। ଆଣ୍ଟି ଡାଣ୍ଡ୍ରଫ୍ ଶାମ୍ପୋରେ କେଶକୁ କ୍ଷତି ପହଞ୍ଚାଇବା ପାଇଁ ରସାୟନ ପ୍ରୟୋଗ କରାଯାଇଥାଏ। ଏପରି ଶାମ୍ପୋକୁ ସପ୍ତାହରେ କେବଳ ଦୁଇ ଥର ବ୍ୟବହାର କରନ୍ତୁ। ତେଲ ଅଧିକ ଲଗାଇଲେ ମଧ୍ୟ ଏହି ରୋଗର ନିରାକରଣ ହୋଇପାରେ ନାହିଁ।

## ଚାଇନା ତିଆରି କରୁଛି କୃତ୍ରିମ ଦ୍ୱୀପ

ଚାଇନା ଏକ କୃତ୍ରିମ ଦ୍ୱୀପ ଡିଜାଇନ କରୁଛି, ଯାହା ପରମାଣୁ ଆକ୍ରମଣରୁ ରକ୍ଷା କରିବ। ଏହା ଏକ ଭାସମାନ ପ୍ଲାଟଫର୍ମ। ଯାହା କୌଣସି ନୂତନ ଉପାଦାନ ଆବଶ୍ୟକ ନ କରି ୪ ମାସ ପର୍ଯ୍ୟନ୍ତ ୨୩୮ ଜଣଙ୍କୁ ଆରାମରେ ରଖିବାରେ ସକ୍ଷମ ହେବ। ଏହାର ଭିତ୍ତିଭୂମି ଚାଇନାର ଫୁଜିଆନ ବିମାନ ବାହକ ପରି ବଡ଼। ଏହା ୨୦୨୮ରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ଏହା ବିଶ୍ୱର ପ୍ରଥମ ଏପରି ଭାସମାନ ଦ୍ୱୀପ ହେବ। ଯାହାର ଓଜନ ୭୮,୦୦୦ ଟନ୍। ଏହା ୬-୯ ମିଟର ଲହଡ଼ି ଏବଂ ୧୭ ବର୍ଗର ଟାଇଫୁନ (ସର୍ବାଧିକ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼) ଏବଂ ସମୁଦ୍ର ଅଶାନ୍ତିକୁ ସହ୍ୟ କରିପାରିବ। ଆମେ ଡିଜାଇନ ଏବଂ ନିର୍ମାଣ ସମାପ୍ତ କରିବା ପାଇଁ ଶୀଘ୍ର କାମ କରୁଛୁ, ଏବଂ ଆମର ଲକ୍ଷ୍ୟ ହେଉଛି ୨୦୨୮ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ବୋଲି ପ୍ରକଳ୍ପର ନେତୃତ୍ୱ ନେଉଥିବା ଶିକ୍ଷାବିତ୍ ଲିନ ଝୋଙ୍ଗକିନ ଏକ ସାକ୍ଷାତକାରରେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ସୁବିଧା ବିନାଶକାରୀ ଆଘାତକୁ ହାଲୁକା ଚାପରେ ପରିଣତ କରିବା ପାଇଁ ସକ୍ଷମ 'ମେଟାମାଟେରିଆଲ' ସାଣ୍ଡୱିଚ୍ ପ୍ୟାନେଲ୍ ବ୍ୟବହାର କରେ। ସାଂଘାଇ ଜିଆଓ ଟୋଙ୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ୟାଙ୍ଗ ଡେକିଙ୍ଗଙ୍କ ନେତୃତ୍ୱରେ ଦଳ ଲେଖିଛନ୍ତି, ଏହି ପ୍ରମୁଖ ଗଭୀର ସମୁଦ୍ର ବୈଜ୍ଞାନିକ ସୁବିଧା ସମସ୍ତ ପାଣିପାଗ ପରିସ୍ଥିତିରେ ଦୀର୍ଘକାଳୀନ ବାସସ୍ଥାନ ପାଇଁ ଡିଜାଇନ କରାଯାଇଛି। ଏହାର ଉପରସଂରଚନାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି ଯାହା ଜରୁରୀକାଳିନ ଶକ୍ତି, ଯୋଗାଯୋଗ ଏବଂ ନାଭିଗେସନ ନିୟନ୍ତ୍ରଣକୁ ସୁନିଶ୍ଚିତ କରେ, ଯାହା ଏହି ସ୍ଥାନଗୁଡ଼ିକ ପାଇଁ ପରମାଣୁ ବିସ୍ଫୋରଣ ସୁରକ୍ଷାକୁ ଅତ୍ୟନ୍ତ ଜରୁରୀ କରିଥାଏ।



# ଅନନ୍ୟ ପର୍ଯ୍ୟଟନସ୍ଥଳୀ କୋଚି

**କୋଚି ହେଉଛି କେରଳସ୍ଥିତ ଏକ ସହର । କିନ୍ତୁ ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶ, ସଂସ୍କୃତି, ପରମ୍ପରା, ଅନନ୍ୟ ପର୍ଯ୍ୟଟନସ୍ଥଳୀ ତଥା ସୁସ୍ୱାଦୁ ଖାଦ୍ୟପେୟ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଖାସ୍ କରି ଏଠାକାର ସି-ଫୁଡ୍ ବେଶ୍ ମନଲୋଭା ହୋଇଥାଏ । ସେଥିପାଇଁ ବର୍ଷସାରା ଏଠାରେ ଆଗନ୍ତୁକଙ୍କର ଗହଳି ଦେଖିବାକୁ ମିଳେ ...**





କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲା ଅନ୍ତର୍ଗତ ଏକ ଆକର୍ଷଣୀୟ ତଟୀୟ ସହର ହେଉଛି କୋଚି । ଏହା କୋଚିନ୍ ନାମରେ ବି ଜଣାଶୁଣା । ସଂସ୍କୃତି, ପରମ୍ପରା ହେଉ କି ବେପାର ବଣିଜ ଅଥବା ପର୍ଯ୍ୟଟନ ସବୁ କ୍ଷେତ୍ରରେ ଏହି ସ୍ଥାନର ରହିଛି ସ୍ୱତନ୍ତ୍ର ପରିଚିତି । ଆରବ ସାଗରର ରାଣୀ କୁହାଯାଉଥିବା କୋଚିରେ ପର୍ଯ୍ୟଟକ ଆକର୍ଷଣୀୟ ସମୁଦ୍ରତଟ, ଦର୍ଶନୀୟ ମନ୍ଦିର, ଚର୍ଚ୍ଚ, ପ୍ୟାଲେସ୍, ମ୍ୟୁଜିୟମ୍ ତଥା ଆହୁରି ଅନେକ କିଛି ଦେଖିବାର ସୁଯୋଗ ପାଇପାରିବେ । ସେଥିପାଇଁ ତ ଅଧିକାଂଶ ସମୟ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳିଥାଏ ।

### ଇତିହାସ

ମସଲା ବ୍ୟାପାର କ୍ଷେତ୍ରରେ କୋଚି ସହରର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ଏହି ବେପାର ବଣିଜ ପାଇଁ ଏହି ସହର ବିଭିନ୍ନ ସମୟରେ ବାହ୍ୟ ଶତ୍ରୁଙ୍କ ଆକ୍ରମଣର ଶିକାର ହୋଇଛି । କେବେ ପର୍ତ୍ତୁଗୀଜ୍‌ମାନେ ଆକ୍ରମଣ କରିଛନ୍ତି ତ କେବେ ଡଚ୍‌ମାନେ ଆଉ କେବେ ବ୍ରିଟିଶମାନେ ଏହି ସହର ଉପରେ କାୟା ବିସ୍ତାର କରିବାକୁ ଆଗେଇ ଆସିଛନ୍ତି । ଏତେ ଘାତପ୍ରତିଘାତ ସତ୍ତ୍ୱେ ବି ଏହି ସହର ନିଜ ଅସ୍ତିତ୍ୱକୁ ପୁଣିଥରେ ସୁଧାରିବା ସହ ବାଣିଜ୍ୟ କ୍ଷେତ୍ରରେ ବହୁ ଆଗକୁ ଯାଇ ଏହା ଏବେ କେରଳର ଏକ ବାଣିଜ୍ୟିକ କେନ୍ଦ୍ର ଭାବେ ସ୍ୱତନ୍ତ୍ର ପରିଚିତି ହାସଲ କରିପାରିଛି ।

### କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କୋଚିରେ ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଯେମିତିକି; ମଟନଚେରୀ ପ୍ୟାଲେସ୍, ଫୋର୍ଟ କୋଚି, ୱିଲିଙ୍ଗଡନ୍ ଦ୍ୱୀପ, ଭିରାନ୍‌ପୁଝା ହ୍ରଦ ଏବଂ ତତ୍‌ସଲଗ୍ନ ବ୍ୟାକ୍‌ୱାଟର୍, ମଙ୍ଗଳବନମ୍ ପକ୍ଷୀ ଅଭୟାରଣ୍ୟ, ବୋଲଗାଟ୍ଟି ପ୍ୟାଲେସ୍, ମେରାଇନ୍ ଡ୍ରାଇଭ୍, ସାନ୍ତା କ୍ରୁଜ୍ କାଥେଡ୍ରାଲ୍ ବାସିଲିକା, ସନ୍‌ସେଟ୍ କ୍ରୁଜ୍, ଭାସ୍କୋଡା ଗାମା ସ୍କୋୟାର୍, ପ୍ରନ୍ସେସ୍ ଷ୍ଟ୍ରିଟ୍, ଫୋକ୍‌ଲୋର୍ ମ୍ୟୁଜିୟମ୍, କଥକକଳି ସେଣ୍ଟର୍, ହିଲ୍ ପ୍ୟାଲେସ୍, ଜ୍ୟୁ ଟାଉନ୍, ସେଣ୍ଟ ଫ୍ରାନ୍ସିସ୍ ଚର୍ଚ୍ଚ, ଥାମ୍‌ପୁରାନ୍ ମ୍ୟୁଜିୟମ୍, ଗ୍ରୀନିକ୍ସ ଭିଲେଜ୍, ଚେରାଇ ବିଚ୍, କାଲାଡ଼ି, ପିୟର୍ସ ଲେସ୍ଲି ବଙ୍ଗଳା, ପଲ୍ଲିପ୍ପୁରମ୍ ଦୁର୍ଗ, ଥିକ୍କାକ୍କାରା ବାମନ ମୂର୍ତ୍ତି ମନ୍ଦିର, ଅରିକ୍କଲ ଜଳପ୍ରପାତ ଇତ୍ୟାଦି ଅନ୍ୟତମ ।

### ଅର୍ଥନୀତି

କୋଚିର ଅର୍ଥନୀତି ମୁଖ୍ୟତଃ ବେପାର ବଣିଜ ଉପରେ ନିର୍ଭର କରିଥାଏ । ବିଭିନ୍ନ ପ୍ରକାରର ମସଲା ଦ୍ରବ୍ୟ ହେଉକି ସି-ଫୁଡ୍ ବ୍ୟାପାର କ୍ଷେତ୍ରରେ ଏହି ସ୍ଥାନର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ତା'ଛଡ଼ା କନ୍‌ଷ୍ଟ୍ରକ୍ସନ୍, ମାନୁଫାକ୍‌ଚରିଂ, ସିପ୍ ବିଲ୍ଡିଂ, କେମିକାଲ୍ ଇଣ୍ଡଷ୍ଟ୍ରି, ଇନ୍‌ଫରମେସନ୍ ଟେକ୍ନୋଲୋଜି, ହେଲ୍‌ଥ୍ ସର୍ଭିସ୍ ଉପରେ ବି ଏହି ସହରର ଅର୍ଥନୀତି ନିର୍ଭର କରିଥାଏ । ଏସବୁ ବ୍ୟତିତ ପର୍ଯ୍ୟଟନରୁ ବି ଏଠାକାର ଲୋକେ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଚାହିଁବେ, ପର୍ଯ୍ୟଟକ ଏଠାକୁ ବୁଲିବାକୁ ଯାଇପାରିବେ । ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି । କୋଚିନ୍ ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ବିମାନବନ୍ଦର । ସେହିପରି ଏର୍ଣ୍ଣାକୁଲମ୍ ଜଙ୍କସନ୍ ରେଲୱେ ଷ୍ଟେଶନ୍ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ । ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ବି ସୁବିଧାରେ ଆସି ଏଠାରେ ପହଞ୍ଚିପାରିବେ ।

### କ'ଣ ଖାଇବେ

ଆକର୍ଷଣୀୟ ଜଳବାୟୁ ତଥା ମନକୁ ମୋହିନେଲା ଭଳି ପର୍ଯ୍ୟଟନସ୍ଥଳୀ ବ୍ୟତିତ ଏଠାକାର ସ୍ୱାଦିଷ୍ଟ ଖାଦ୍ୟପେୟ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ । ମାଛର ବିଭିନ୍ନ ପ୍ରକାରର ବ୍ୟଞ୍ଜନ ବ୍ୟତିତ ଏଠାକାର ସି-ଫୁଡ୍ ରେସିପି ବି ବେଶ୍ ମନଲୋଭା ହୋଇଥାଏ ।



## ସ୍ୱପ୍ନରେ ଟଙ୍କା ବର୍ଷା ହେବା ଦେଖିଲେ...

ସ୍ୱପ୍ନର ଦୁନିଆ ବେଶ୍ ଆକର୍ଷଣୀୟ । ଯଦି କେହି ସ୍ୱପ୍ନରେ କାହାଠାରୁ ଟଙ୍କା ପାଇବାର ଦେଖାଯାଏ, ତେବେ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ଏହା ଭବିଷ୍ୟତରେ କିଛି ଭଲ ଘଟୁଥିବାର ସଙ୍କେତ । ଏହା ସହିତ, ଏହାର ଅର୍ଥ ହେଉଛି ଯେ ଆପଣଙ୍କୁ ଭବିଷ୍ୟତରେ କିଛି ବଡ଼ ଲାଭ ମିଳିବ । ଏହି ସ୍ୱପ୍ନ ଆପଣଙ୍କ ସ୍ୱପ୍ନକୁ ପୂରଣ କରିପାରିବ ।

ସ୍ୱପ୍ନରେ ନୋଟର ବର୍ଷା ଦେଖିବା ଏକ ବହୁତ ଶୁଭ ସଙ୍କେତ । ଯଦି ଆପଣ ଏକ ଶୁଭ ସଙ୍କେତ ସହିତ ଟଙ୍କା ସହିତ ଜଡିତ ସ୍ୱପ୍ନ ଦେଖିଛନ୍ତି, ତେବେ ଏହାର ଅର୍ଥ ହେଉଛି ଯେ ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ବର୍ଷିବାକୁ ଯାଉଛି ଏବଂ ଆପଣଙ୍କ ବ୍ୟାଗ ଖୁସିରେ ପରିପୂର୍ଣ୍ଣ ହେବାକୁ ଯାଉଛି । ଏହା ଏକ ଶୁଭ ସଙ୍କେତ ।

ସ୍ୱପ୍ନରେ ଟଙ୍କାର ବର୍ଷା ଦେଖିବା ଆପଣଙ୍କ ଭାଗ୍ୟ ସହିତ ଜଡିତ । ଯଦି ଆପଣଙ୍କର ଏପରି ସ୍ୱପ୍ନ ଅଛି, ତେବେ ଏହାର ଅର୍ଥ ହେଉଛି ଆପଣଙ୍କୁ ଏକ ନୂତନ ଚାକିରି, ନିବେଶରେ ଲାଭ, ପଦୋନ୍ନତି କିମ୍ବା ବ୍ୟବସାୟରେ ପ୍ରଗତି ହୋଇପାରେ ।

ସ୍ୱପ୍ନରେ ଟଙ୍କାର ବର୍ଷା ଦେଖିବାର ଅର୍ଥ ହେଉଛି ଆପଣଙ୍କର ଆର୍ଥିକ ସମସ୍ୟା ସମାଧାନ ହୋଇଯାଇଛି ଏବଂ ଏବେ ଆପଣ ଜୀବନରେ ଆଗକୁ ବଢ଼ିବେ ଏବଂ ଆପଣଙ୍କର ସ୍ୱପ୍ନ ପୂରଣ କରିବେ । ଏହା ସହିତ, ସ୍ୱପ୍ନରେ ଟଙ୍କାର ବର୍ଷା ଦେଖିବାର ଅର୍ଥ ହେଉଛି ଯେ ଆପଣଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି ଏବଂ ଆପଣ ଶୀଘ୍ର ପ୍ରଗତି ପଥରେ ଆଗକୁ ବଢ଼ିବେ ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲା ବିଶ୍ୱ ଚାମ୍ପିଅନ୍ ମହିଳା ଦୃଷ୍ଟିହୀନ ଟିମ୍



ନୂଆଦିଲ୍ଲୀ: ବିଶ୍ୱ ଚାମ୍ପିଅନ୍ ଭାରତୀୟ ମହିଳା ଦୃଷ୍ଟିହୀନ୍ କ୍ରିକେଟ୍ ଟିମ୍‌ର ସଦସ୍ୟମାନେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ନିଜ ହାତରେ ମିଠାଇ ଖୁଆଇ ଜୋର୍‌ଦାର ସ୍ୱାଗତ କରିବା ସହିତ ଟ୍ରଫି ଉଠାଇ ସେଲିବ୍ରେଟ୍ କରିଥିଲେ। ଟିମ୍‌ର ସମସ୍ତ ଖେଳାଳି ସେମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବ୍ୟାଟ୍ ପ୍ରଧାନମନ୍ତ୍ରୀଙ୍କୁ ଉପହାର ଭାବେ ପ୍ରଦାନ କରିଥିଲେ। ଖେଳାଳିମାନଙ୍କ ସହିତ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ବଲ୍‌ରେ ସ୍ୱାକ୍ଷର କରିଥିଲେ। ଭାରତ ପ୍ରଥମ ଥର ଖେଳାଯାଇଥିବା ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିଛି। ନଭେମ୍ବର ୨୩ରେ କଲମ୍ବୋରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ନେପାଳକୁ ହରାଇ ଏହି ଉପଲବ୍ଧି ହାସଲ କରିଥିଲା। ଟିମ୍‌ରେ ଦେଶର ୯ଟି ରାଜ୍ୟର ୧୬ ଖେଳାଳିଙ୍କୁ ଚୟନ କରାଯାଇଥିବା ବେଳେ କର୍ଣ୍ଣାଟକର ଦୀପିକା ଟିସି ଟିମ୍‌ର ନେତୃତ୍ୱ ନେଇଥିଲେ। ଏହି ରାଜ୍ୟ ମଧ୍ୟରେ କର୍ଣ୍ଣାଟକ, ମହାରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ଆସାମ ଓ ବିହାର ସାମିଲ।

## ଡିସେମ୍ବର ୯ରୁ ଓଡ଼ିଶା ମାଷ୍ଟର୍ସ ୨୦୨୫

# ୨୨ ଦେଶର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବେ



ଭୁବନେଶ୍ୱର: ଆସନ୍ତା ଡିସେମ୍ବର ୯ରୁ ୧୪ ତାରିକ ପର୍ଯ୍ୟନ୍ତ କଟକର ଜବାବହର ଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ମାଷ୍ଟର୍ସ ବିଡବ୍ଲୁଏଫ୍ ଟୁର୍ ସୁପର୍ ୧୦୦ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ବ୍ୟାଡ୍‌ମିଣ୍ଟନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ୍ ଆସୋସିଏସନ୍ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଓଡ଼ିଶାରେ ଚତୁର୍ଥ ଥର ପାଇଁ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟର ଆୟୋଜନ ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସ ବର୍ଗରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶୀର୍ଷ ର୍‍ୟାଙ୍କର ଖେଳାଳିଙ୍କ ସମେତ ୨୨ଟି ଦେଶର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ସହିତ ଡିସେମ୍ବର ୧ରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ଜାତୀୟ ସବ୍-ଜୁନିୟର୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ଶିପ୍‌ର ଆୟୋଜନ ମଧ୍ୟ କଳିଙ୍ଗ୍ ଷ୍ଟାଡିୟମ୍‌ରେ କରାଯିବ। ଅଣ୍ଡର-୧୫ ଏବଂ ଅଣ୍ଡର-୧୭ ବର୍ଗରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୭୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶର୍ଗ୍ରଣ କରିବେ। ଓଡ଼ିଶାରୁ ଦୁଇ ବର୍ଗରେ ୨୫ ଜଣ ଖେଳାଳି ଭାଗନେବେ ବୋଲି କ୍ରୀଡ଼ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଗତ ଦିନରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍ ଏବଂ ଏସିଆନ୍ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍ ଭଳି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ସଫଳତା ସହ ଆୟୋଜନ କରି ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶା ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସହ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

## ଦିନିକିଆ ସିରିଜ୍ ପାଇଁ ଟିମ୍ ଇଣ୍ଡିଆର ପ୍ରସ୍ତୁତି

# ନେଟ୍ସରେ ରୋହିତ ଓ କୋହଲିଙ୍କ ବ୍ୟାଟିଂ

ନୂଆଦିଲ୍ଲୀ: ଟେଷ୍ଟ ସିରିଜ୍‌ରେ ସାଉଥ୍ ଆଫ୍ରିକାଠାରୁ ଶୋଚନୀୟ ଭାବେ ପରାଜିତ ହେବା ପରେ ଟିମ୍ ଇଣ୍ଡିଆ ଏବେ ଦିନିକିଆ ସିରିଜ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ରାଞ୍ଚିରେ ଗୁରୁବାର ଟିମ୍ ଅଭ୍ୟାସ କରିଛି। ଏହି ଅବସରରେ ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମା ଏବଂ ବିରାଟ କୋହଲି ନେଟ୍ସରେ ବ୍ୟାଟିଂ କରିଥିବା ଦେଖିବାକୁ ମିଳିଛି। ସେମାନଙ୍କ ବ୍ୟତୀତ ତିଳକ ବର୍ମା ଏବଂ ଋତୁରାଜ ଗାଏକ୍‌ୱାଡ୍ ମଧ୍ୟ ନେଟ୍ସରେ ଜୋରଦାର ଅଭ୍ୟାସ କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ ତାରିଖରେ ରାଞ୍ଚିର ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ଏହାପରେ ଟି-୨୦ ସିରିଜ୍ ଡିସେମ୍ବର ୯ ତାରିଖରୁ ଆରମ୍ଭ ହେବ। ରୋହିତ ଶର୍ମା ଓ ବିରାଟ କୋହଲି ପ୍ରାୟ ୯ ମାସ ପରେ ଭାରତରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ। ଦୁହେଁ ଇଂଲଣ୍ଡ ବିପକ୍ଷରେ ଶେଷଥର ପାଇଁ ଫେବୃଆରୀରେ ଘରୋଇ ପଡ଼ିଆରେ ଦିନିକିଆ ସିରିଜ୍ ଖେଳିଥିଲେ। ପୁଣି ଦୁବାଇରେ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ଗତ ମାସରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ୍‌ର ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୁଇ ଖେଳାଳି ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇସାରିଛନ୍ତି। ଦିନିକିଆ ଟିମ୍‌ର ନେତୃତ୍ୱ ଦାୟିତ୍ୱ ୱିକେଟ୍‌କିପର୍ କେଏଲ୍ ରାହୁଲ ସମ୍ଭାଳିବେ। ନିୟମିତ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଆହତ କାରଣରୁ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ରାହୁଲ ତିନିଟି ଯାକ ଫର୍ମାଟ୍‌ରେ ଭାରତର ନେତୃତ୍ୱ କରିସାରିଛନ୍ତି।

## ଅଷ୍ଟ୍ରେଲିଆନ୍ ଓପନ୍ ୱାଇଲ୍ଡ କାର୍ଡ ପ୍ଲେଅଫ୍:

# ପରାଜୟ ସହ ନାଗଲ୍‌ଙ୍କ ବିଦାୟ

ନୂଆଦିଲ୍ଲୀ: ଚୀନ୍‌ର ଚେଙ୍ଗଡୁରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ଏସିଆ-ପ୍ୟାସିଫିକ୍ ୱାଇଲ୍ଡକାର୍ଡ ପ୍ଲେ-ଅଫ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ହାରି ଭାରତର ଶୀର୍ଷ ସିଙ୍ଗଲ୍ସ ଖେଳାଳି ସୁମିତ୍ ନାଗଲ୍ ବାଦ୍ ପଡ଼ିଛନ୍ତି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଷଷ୍ଠ ସିଡ୍ ନାଗଲ୍ ଟପ୍ ସିଡ୍ ଚୀନା ଖେଳାଳି ୟୁଆଓକେଟେ ବୁ'ଙ୍କ ଠାରୁ୨-୬, ୨-୬ ସିଧା ସେଟ୍‌ରେ ପରାଜିତ ହୋଇଛନ୍ତି। ସ୍ଥାନୀୟ ସିଚୁଆନ୍ ଇଣ୍ଟରନାସନାଲ୍ ଟେନିସ୍ ସେଣ୍ଟରରେ ନଭେମ୍ବର ୨୪ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ଇଭେଣ୍ଟର ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଜେତା ୨୦୨୬ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ସିଧା ପ୍ରବେଶ ପାଇବେ।

ପୂର୍ବରୁ ଭିସା ଅନିଶ୍ଚିତତା କାରଣରୁ ନାଗଲ୍‌ଙ୍କ ଟୁର୍ଣ୍ଣାମେଣ୍ଟରେ ଭାଗନେବା ଆଶା ଅନ୍ଧକାରମୟ ହୋଇଯାଇଥିଲା। ତାଙ୍କ ପ୍ରାରମ୍ଭିକ ଭିସା ଆବେଦନ ଅଗ୍ରାହ୍ୟ ହୋଇଯିବା ପରେ ସେ ସାର୍ବଜନୀନ ଭାବେ ଚୀନା ଅଧିକାରୀଙ୍କୁ ଆବେଦନ କରିଥିଲେ। ପରେ ଭିସା ସମସ୍ୟାର ସମାଧାନ ହୋଇଥିଲା ଏବଂ ତାଙ୍କର ଚୀନ୍ ଯାତ୍ରା ପାଇଁ ରାସ୍ତା ପରିଷ୍କାର ହୋଇଥିଲା।

# ଡବ୍ଲ୍ୟୁପିଏଲ୍ ମେଗା ଅକ୍ସନ୍: ୬୭ ଖେଳାଳିଙ୍କ ପାଇଁ ୪୦.୮୦ କୋଟି ଖର୍ଚ୍ଚ

ନୂଆଦିଲ୍ଲୀ: ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୬ ସିଜନ୍ ପାଇଁ ମେଗା ଅକ୍ସନ୍ ଗୁରୁବାର ଦିଲ୍ଲୀର ଜେଡବ୍ଲ୍ୟୁ ମାରିୟଟ୍ ହୋଟେଲ୍‌ରେ ସମ୍ପନ୍ନ ହୋଇଛି। ଏହି ମେଗା ଅକ୍ସନ୍ ପାଇଁ ବିସିସିଆଇ ମୋଟ ୨୭୭ ଖେଳାଳିଙ୍କୁ ଶର୍ଟଲିଷ୍ଟ କରିଥିବା ବେଳେ କେବଳ ୬୭ ଜଣ ଖେଳାଳି ବିକ୍ରି ହୋଇଛନ୍ତି। ମୋଟ ୭୩ ଖାଲି ସ୍ଥାନ ପାଇଁ ଅକ୍ସନ୍ ହୋଇଥିବା ବେଳେ ପାଞ୍ଚ ଫ୍ରାଞ୍ଚାଇଜି ୬୭ ଖେଳାଳିଙ୍କୁ କିଣିଛନ୍ତି। ଏହା ମଧ୍ୟରେ ୨୩ ବିଦେଶୀ ଖେଳାଳି ରହିଛନ୍ତି। ଦିନିକିଆ ବିଶ୍ୱକପ୍‌ରେ ପ୍ଲେୟର୍ ଅଫ୍ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ଭାରତୀୟ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ସବୁଠୁ ଦାମୀ ଖେଳାଳି (୩.୨୦ କୋଟି ଟଙ୍କା) ହୋଇଥିବା ବେଳେ ନ୍ୟୁଜିଲାଣ୍ଡର ଆମେଲିଆ କେର୍ (୩କୋଟି ଟଙ୍କା) ମହଙ୍ଗା ବିଦେଶୀ ଖେଳାଳି ଭାବେ ବିକ୍ରି ହୋଇଛନ୍ତି। ତେବେ ଅଷ୍ଟ୍ରେଲିଆ ଟିମ୍‌ର କ୍ୟାପ୍‌ଟେନ୍ ଏଲିସା ହିଲିଙ୍କୁ କୌଣସି ଟିମ୍ କିଣିନାହାନ୍ତି। ହିଲିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ଥିଲା। ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର୍ ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟ୍‌ସ ୨ କୋଟି ଟଙ୍କାରେ କିଣିଛି। ଦୀପ୍ତି ଶର୍ମାଙ୍କୁ ୟୁପି ୱାରିୟର୍ସ ଆର୍‌ଟିଏମ୍ (ରାଇଟ୍ ଟୁ ମ୍ୟାଚ୍) କାର୍ଡ ଜରିଆରେ ୩.୨୦ କୋଟି ଟଙ୍କାରେ ପୁଣିଥରେ ନିଜ ଟିମ୍‌ରେ ସାମିଲ କରିଛି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ଆର୍‌ଟିଏମ୍ ଜରିଆରେ ଆମେଲିଆ କେର୍‌ଙ୍କୁ ୩ କୋଟି ଟଙ୍କାରେ ପୁଣିଥରେ ନିଜ ଟିମ୍‌ରେ ଯୋଡ଼ିଛି। ସୋଫି, ଦୀପ୍ତି ଏବଂ ଆମେଲିଆଙ୍କ ବେସ୍ ପ୍ରାଇସ୍ ୫୦-୫୦ ଲକ୍ଷ ଟଙ୍କା ଥିଲା। ଅକ୍ସନ୍‌ରେ ୧୧ ଜଣ ଖେଳାଳିଙ୍କ ଦାମ୍ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଭାରତୀୟ ଫାଷ୍ଟ ବୋଲର୍ ରେଣୁକା ସିଂହ ୬୦ ଲକ୍ଷ ଟଙ୍କାରେ ଗୁଜରାଟ ଜାଏଣ୍ଟ୍‌ସରେ ସାମିଲ ହୋଇଛନ୍ତି। ଇଂଲିଶ୍ ଅଲ୍‌ରାଉଣ୍ଡର୍ ସୋଫି ଏକ୍ଲେଷ୍ଟନ୍ (୮୫ ଲକ୍ଷ ଟଙ୍କା) ଏବଂ ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପ୍‌ଟେନ୍ ମେଗ୍ ଲାନିଙ୍ଗ୍ (୧.୯ କୋଟି ଟଙ୍କା)ଙ୍କୁ ୟୁପି ୱାରିୟର୍ସ ନିଜ ସହିତ ସାମିଲ କରିଛି। ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ଲୌରା ୱୁଲ୍‌ଭଡର୍ଟଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୧.୧ କୋଟି ଟଙ୍କା କିଣିଥିବା ବେଳେ ଅଷ୍ଟ୍ରେଲିଆର ଓପ୍ନିଂ ବ୍ୟାଟର୍ ଫିବି ଲିଚ୍‌ଫିଲ୍ଡ ୧.୧୦ କୋଟି ଟଙ୍କାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିଜ ସହିତ ଯୋଡ଼ିଛି। ଚିନେଲ୍ ହେନ୍‌ରୀ ଏବଂ ଶ୍ରୀ ଚରଣୀଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ସମାନ ୧.୩୦ କୋଟି ଟଙ୍କାରେ କିଣିଛି। ସ୍ପିନର୍ ଆଶା ଶୋଭନା (୧.୧୦ କୋଟି ଟଙ୍କା)ଙ୍କୁ ମଧ୍ୟ ଅକ୍ସନ୍‌ରେ ଭଲ ପ୍ରାଇସ୍ ମିଳିଛି। ତାଙ୍କୁ ୟୁପି ୱାରିୟର୍ସ ନିଜ ଟିମ୍‌ରେ ସାମିଲ କରିଛି। ସେହିପରି ଭାରତୀୟ ଟିମ୍‌ର ଅନ୍ୟତମ ଖେଳାଳି ଶିଖା ପାଣ୍ଡେଙ୍କୁ ମଧ୍ୟ ୟୁପି ୱାରିୟର୍ସ ୨.୪୦ କୋଟି ଟଙ୍କାରେ ନିଜ ଟିମ୍‌ରେ ଯୋଡ଼ିଛି। ଶିଖାଙ୍କ ବେସ୍ ପ୍ରାଇସ୍ ୪୦ ଲକ୍ଷ ଟଙ୍କା ଥିଲା।

ମେଗା ଅକ୍ସନ୍‌ରେ ୫ଟି ଯାକ ଫ୍ରାଞ୍ଚାଇଜି ମୋଟ ୪୦.୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ମଧ୍ୟରୁ ୨୧.୬୫ କୋଟି ଟଙ୍କା ଭାରତୀୟ ଖେଳାଳିଙ୍କ ପାଇଁ ଖର୍ଚ୍ଚ କରାଯାଇଛି। ବିଦେଶୀ ଖେଳାଳିଙ୍କ ପାଇଁ ୧୯.୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅକ୍ସନ୍ ପରେ ଗୁଜରାଟ ଏବଂ ୟୁପି ପର୍ସରେ ୧୫-୧୫ ଲକ୍ଷ ଟଙ୍କା ବାକି ରହିଛି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra**, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର